ଧରିତ୍ରୀ
DHARITRI
January 2-8, 2022 ₹2/-

# ଛୁଟିଦିନ

## କର୍ମ ହିଁ ଭଗବାନ





୩
ପ୍ରଚ୍ଛଦ ପ୍ରସଙ୍ଗ

ଏମାନେ ଉଚ୍ଚ ଶିକ୍ଷିତା ହେଲେ ଚାକିରି ପଛରେ ଦୌଡ଼ି ନାହାନ୍ତି। ସହରର ଗଳି କନ୍ଦିରେ ନିଜର ଛୋଟିଆ ବ୍ୟବସାୟ ଆରମ୍ଭ କରି ପାଲଟିଛନ୍ତି ସ୍ୱାବଲମ୍ବୀ। କୌଣସି କାମ କେବେ ଛୋଟ କି ବଡ଼ ହୋଇପାରେନା ଓ କର୍ମ ହିଁ ଭଗବାନ ଏହି କଥାକୁ ବିଶ୍ୱାସ କରି ଆଗେଇ ଚାଲିଛନ୍ତି...



ଲାଇଫ୍ ଷ୍ଟାଇଲ
୪



# କେଉଁ ଜିନିଷ ଧାର ଦେବେ ନାହିଁ

ଅସୁବିଧାରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ କରିବା ହେଉଛି ମାନବିକତା। ଏଇ ଶିକ୍ଷା ଆମ ସମସ୍ତଙ୍କୁ ପିଲାଟି ବେଳୁ ଘରେ ଦିଆଯାଇଥାଏ। କିନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ, ଏମିତି ବି କେତୋଟି ଜିନିଷ ରହିଛି, ଯାହାକୁ ଭୁଲ୍‌ରେ ମଧ୍ୟ କାହାରିକୁ ଦାନ କିମ୍ବା ଧାର୍ ଦେବା ଉଚିତ ନୁହେଁ। କାରଣ ଏସବୁ ଜିନିଷକୁ କାହାରିକୁ ଦାନ କଲେ ଅଥବା ଧାର୍‌ରେ ଦେଲେ, ଘରେ ଅଭାବ ଅସୁବିଧା ଉପୁଜିଥାଏ। ଯେମିତିକି:



*ବିବାହିତା ନାରୀ ପିନ୍ଧିଥିବା ନିଜର ବାହାଘରର ହାର, ମଙ୍ଗଳସୂତ୍ର, ପାଉଁଜି କିମ୍ବା ଝୁଣ୍ଟିଆକୁ କାହାରିକୁ ଦେବା ଉଚିତ ନୁହେଁ। କାରଣ ଏହାଦ୍ୱାରା ତାଙ୍କ ବୈବାହିକ ଜୀବନରେ ଅଶାନ୍ତି ଉପୁଜିବା ସହ ଘରେ କଳହ ଲାଗି ରହିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ କରାଯାଇଛି।

*ସେହିପରି ଘରର ଝାଡୁକୁ ବି କାହାରିକୁ ଦେବା ଠିକ୍ ନୁହେଁ। କାରଣ ଝାଡୁ ସ୍ୱଚ୍ଛତା ଏବଂ ସମୃଦ୍ଧିର ଏକ ପ୍ରତୀକ ହୋଇଥାଏ।

*ସନ୍ଧ୍ୟା ସମୟରେ କ୍ଷୀର, ଦହି, ନଡ଼ିଆ, ଚାଉଳ, ଅଟା ଭଳି ଧଳା ଜିନିଷ କାହାରିକୁ ଧାର୍ ଦେବେ ନାହିଁ। କାରଣ ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ, ଧଳା ଜିନିଷ ଉପରେ ଖରାପ ଦୃଷ୍ଟି ଶକ୍ତି ଶୀଘ୍ର ଲାଗିଥାଏ। ଯଦି ଅତି ଜରୁରୀ ଥାଏ, ତା'ହେଲେ ବଜାରରୁ କିଣି ଆଣି ଦେବେ। ହେଲେ ନିଜ ରୋଷେଇ ଘରୁ ଆଦୌ ଦେବେ ନାହିଁ।

*ନିଜେ ବ୍ୟବହାର କରୁଥିବା କଲମକୁ ବି କାହାରିକୁ ଦେବା ଉଚିତ ନୁହେଁ, ନଚେତ୍ ଏହାଦ୍ୱାରା ଆର୍ଥିକ ସମସ୍ୟା ଦେଖାଯାଇଥାଏ। ଅନ୍ୟକୁ ସାହାଯ୍ୟ କରିବା ପାଇଁ ଆପଣ ଚାହିଁଲେ ନିଜ ପାଖରେ ଆଉ ଏକ କଲମ ବି ରଖିପାରିବେ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁୟାରୀ ୨-୮

**ମେଷ**



ନୂଆକାମର ପରିକଳ୍ପନା, ପାରିବାରିକ ସହାୟତା, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ସାହିତ୍ୟକୃତିରୁ ପ୍ରଶଂସା, ନୂତନବନ୍ଧୁ ସମ୍ପର୍କ, ବାଣିଜ୍ୟାରମ୍ଭ, ଶାରିରୀକ ଅସୁସ୍ଥତା, ଆତ୍ମୀୟଙ୍କ ଆକ୍ଷେପୋକ୍ତି, ପୈତୃକସମ୍ପତି ବିବାଦ, ପିକ୍‌ନିକ୍ ପାଇଁ ଯୋଜନା ॥

**ବୃଷ**




ଶାରୀରିକ ସୁସ୍ଥତା, ପଦମର୍ଯ୍ୟାଦା ବୃଦ୍ଧି, ଆର୍ଥିକ ଦୂରବସ୍ଥା, ଜମିଜମା ବିକ୍ରି ଆଲୋଚନା, ଯାନବାହାନ ନବୀକରଣ, ଯାତ୍ରାସ୍ଥଗିତ ରହିବ, ସଂସ୍କାର କାର୍ଯ୍ୟରେ ସହଯୋଗ, ଇର୍ଷା ପରାୟଣଙ୍କ କଟୁକ୍ତି, ନୀଚଜନ ସମ୍ପର୍କରୁ ନିନ୍ଦା, ମନୋରଞ୍ଜନ କାର୍ଯ୍ୟକ୍ରମ ॥

**ମିଥୁନ**



ସମସ୍ୟା ସମାଧାନ, ସୁବିଧାସୁଯୋଗ ପ୍ରାପ୍ତି, ମୂଲ୍ୟବାନ ଦ୍ରବ୍ୟ କ୍ରୟ, ଅଳଙ୍କାର ବ୍ୟବସାୟରେ ଉନ୍ନତି, ଯାନବାହନରେ ଖର୍ଚ୍ଚାନ୍ତ, ଗବେଷଣାରେ ଅଗ୍ରଗତି, କଚେରୀ ମାମଲାରେ ହନ୍ତସନ୍ତ, ଚଳଚ୍ଚିତ୍ରରେ ବିବାଦ ॥

**କର୍କଟ**



କର୍ମକ୍ଷେତ୍ରରେ ପ୍ରତିଷ୍ଠା, ସାମାଜିକ ସମ୍ମାନ, ଅପ୍ରିୟ ଭାଷଣରୁ କଳହ, ଯାତ୍ରାଯୋଗ ରହିଛି, ପରିବାରରେ ପକ୍ଷପାତିତା, ଅର୍ଥସଂକଟ ରହିବ, ମାଲିମକଦ୍ଦମାର ଦୁଃଶ୍ଚିନ୍ତା, ଅସୁସ୍ଥ ମାନସିକତା, ଆରୋଗ୍ୟ ଲାଭ, ବ୍ୟବସାୟରେ ଉନ୍ନତି ॥

**ସିଂହ**



ବନ୍ଧୁତାରେ ବ୍ୟତିକ୍ରମ, ବୁଝାମଣାର ଅଭାବ, ବ୍ୟୟବହୁଳ କାର୍ଯ୍ୟାରମ୍ଭ, ସମସ୍ୟାର ସାମ୍ନା କରିବେ, ବିବାଦରେ ବିଜୟ, କର୍ମକ୍ଷେତ୍ରରେ ଯଶକ୍ଷାତି। ପରିବହନରେ ବାଦାନୁବାଦ, ଶିଳ୍ପବାଣିଜ୍ୟରେ ଉନ୍ନତି, ସହକର୍ମୀଙ୍କ ସହ ମତାନ୍ତର ॥

**କନ୍ୟା**



ଭୋଗବିଳାସର ମଉକା, ଅର୍ଥପ୍ରାଚୁର୍ଯ୍ୟର ଆନନ୍ଦ, କାର୍ଯ୍ୟସିଦ୍ଧିରୁ ପ୍ରଶଂସା, ନୈରାଶ୍ୟତା ଦୂରହେବ, ଦୈହିକ ସୁସ୍ଥତା, ଯାନ୍ତ୍ରିକ ଜିନିଷ କ୍ରୟ, ନିର୍ମାଣରେ ସମସ୍ୟା, ମାମଲା ଶୁଣାଣିରେ ବିଳମ୍ବ ॥

**ତୁଳା**



ନୂତନ କର୍ମାରମ୍ଭ, ଧାରକରଜ କରିବେ, ବନ୍ଧୁଙ୍କ ପ୍ରତାରଣା, ମିଥ୍ୟାଗୁଜବରୁ ଅଶାନ୍ତି, ସମ୍ପର୍କୀୟଙ୍କ ଅନୁକମ୍ପା, ଖଳଲୋକଙ୍କ ଅପପ୍ରଚାର, ଭାତୃ ସମ୍ପର୍କରେ ନ୍ୟୁନତା। ଅସାବଧାନତାରୁ ଦ୍ରବ୍ୟହାନୀ, ରପ୍ତାନୀ ବାଣିଜ୍ୟରେ ବାଧା ॥

**ବିଛା**



ସାଂସ୍କୃତିକ କାର୍ଯ୍ୟକ୍ରମ, ଜନସମ୍ପର୍କ ସୃଷ୍ଟି, ସାଂଗଠନିକ ଆଲୋଚନା, ପ୍ରଶାସନିକ ତତ୍ପରତା, ନିରାଶାର ପରିସମାପ୍ତି। ସରକାରୀସ୍ତରରୁ ସୁବିଧା, ସମ୍ବର୍ଦ୍ଧିତ ହୋଇପାରନ୍ତି, ମାଦକଦ୍ରବ୍ୟର କୁଫଳ ॥

**ଧନୁ**



ପାରିବାରିକ ସୌହାର୍ଦ୍ଦ୍ୟ, ସ୍ୱଜନଙ୍କ ସୁପରାମର୍ଶ, ସନ୍ତୁଳିତ ମାନସିକତା, ନିର୍ମାଣରେ ପୂର୍ଣ୍ଣତା, ପ୍ରକାଶନରେ ସମସ୍ୟା, ଗୃହସୀମା ବିବାଦ, ରାଜନୈତିକ ବିତର୍କ, ସଙ୍ଗୀତ ଆସରରୁ ସୁନାମ, ଫାଇଲ୍ କାମରେ ତର୍କ, ଅପ୍ରୀତିକର ପରିସ୍ଥିତି ॥

**ମକର**



ନୂତନ ନିଯୁକ୍ତି, ବିବାହପ୍ରସ୍ତାବ ଆଲୋଚନା, କର୍ମକ୍ଷେତ୍ରରେ ସମ୍ମାନ, ବୈଷୟିକ ଉନ୍ନତି। ଗୃହୋପଯୋଗୀ ଜମିଲାଭ, ରୋଗର ପ୍ରାଦୁର୍ଭାବ। ବୃଥା ଭୟଆଶଙ୍କା, ଆନୁଷ୍ଠାନିକ କର୍ମ, ଦୂରଯାତ୍ରା ପ୍ରସ୍ତୁତି, ଗୁପ୍ତମନ୍ତ୍ରଣା ॥

**କୁମ୍ଭ**



ସହକର୍ମୀଙ୍କ ପ୍ରତିବାଦ, ଉପରିସ୍ଥଙ୍କ ପ୍ରିତିଭାଜନ, ବ୍ୟବସାୟିକ ପ୍ରତିଷ୍ଠା, ଶେୟାର ବଜାରରେ ବୃଦ୍ଧି, ଯାନ୍ତ୍ରିକ ଜିନିଷକ୍ରୟ, ନୂତନ ମିତ୍ରତା, ରୋଗପୀଡା ଦାଉ ସାଧିବ, ଲେଖା ପଢାରେ ଉନ୍ନତି, ପ୍ରତିଦ୍ୱନ୍ଦିତାରେ ବିଜୟ ॥

**ମୀନ**



ଉନ୍ନତ ଚିନ୍ତା, ନୂତନ ଯୋଜନାରମ୍ଭ, ଗୁରୁଜନଙ୍କ ପରାମର୍ଶ, ପରୋପକାରରୁ ପ୍ରଶଂସା, ପରିଭ୍ରମଣର ସୁଯୋଗ, କାର୍ଯ୍ୟସିଦ୍ଧିରେ ବିଳମ୍ବ, ବନ୍ଧୁଙ୍କ ଅନାଦର ଭାବ। ପରୋକ୍ଷ ଶତ୍ରୁତା, ନିୟନ୍ତ୍ରଣରେ ସ୍ୱାସ୍ଥ୍ୟ,ବନ୍ଧୁମିଳନରୁ ଆନନ୍ଦ ॥

# ଖିସ୍‌ମିସ୍‌ର ଉପକାରିତା



ଖିସ୍‌ମିସ୍ ସେବନ ଦ୍ୱାରା ବି ଆମ ଶରୀରକୁ ଅନେକ ଉପକାର ମିଳିଥାଏ। ଯେମିତିକି: ଏହା ଆଖି ପାଇଁ ବହୁତ ଉପକାରୀ। କୁହାଯାଏ, ପ୍ରତିଦିନ ୭/୮ଟି ଖିସ୍‌ମିସ୍ ଖାଇବା ଦ୍ୱାରା ଆଖିର ଦୃଷ୍ଟି ଶକ୍ତି ବୃଦ୍ଧି ପାଇଥାଏ। ତା'ଛଡ଼ା ନିୟମିତ ଏହାର ସେବନ ଦ୍ୱାରା ଶରୀରରେ ସୁଗାର୍ ଲେଭଲ୍ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ଓଜନ କମାଇବା, ହଜମ ଶକ୍ତି ବୃଦ୍ଧି କରିବାରେ ବି ଏହା ଖୁବ୍ ଉପକାରୀ ହୋଇଥାଏ। ତ୍ୱଚାରେ ଚମକ ଆଣିବା ସହିତ ହାଡ଼କୁ ମଜଭୁତ୍ କରିବାରେ ମଧ୍ୟ ଖିସ୍‌ମିସ୍‌ର ରହିଛି ଅନେକ ଭୂମିକା। ସେହିପରି ଶରୀରରେ ଆଇରନ୍‌ର ମାତ୍ରା କମିଗଲେ ଖିସ୍‌ମିସ୍ ଖାଇବା ଦ୍ୱାରା ବହୁତ ଫାଇଦା ମିଳିଥାଏ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବା ସହ ଖିସ୍‌ମିସ୍ ସେବନ ଦ୍ୱାରା ଆମର ହୃଦ୍‌ସ୍ପନ୍ଦନ ମଧ୍ୟ ଠିକ୍ ରହିଥାଏ। କିନ୍ତୁ ଧ୍ୟାନ ଦେବେ ଅଧିକ ମାତ୍ରାରେ ଖିସ୍‌ମିସ୍ ସେବନ କରିବେ ନାହିଁ। ନଚେତ୍ ଏହା ଶରୀରକୁ ଫାଇଦା ଦେବା ପରିବର୍ତ୍ତେ ଶରୀର ପାଇଁ ସମସ୍ୟା ସୃଷ୍ଟି କରିଦେଇଥାଏ।

# ପାଠକୀୟ

* ଓଡ଼ିଶାର ହସ୍ତତନ୍ତ ଶାଢ଼ି ମଧ୍ୟରେ କୋଟପାଡ଼ ଶାଢ଼ିର ରହିଛି ଏକ ସ୍ୱତନ୍ତ୍ର ନାମ। ସମ୍ପୂର୍ଣ୍ଣ ଜୈବିକ ପ୍ରକ୍ରିୟାରେ ପ୍ରସ୍ତୁତ ଏହି ଶାଢ଼ି କେବଳ ଆମ ରାଜ୍ୟ ନୁହେଁ, ଦେଶ ତଥା ବିଦେଶରେ ମଧ୍ୟ ଲୋକପ୍ରିୟ ହେବାରେ ଲାଗିଛି। ତେଣୁ 'କୋଟପାଡ଼ ଶାଢ଼ି'କୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଅତି ସୁନ୍ଦର ହୋଇଥିଲା। 'ଖ୍ରୀଷ୍ଟମାସ ଗିଫ୍ଟ' ଏବଂ 'ସବୁଠୁ ବଡ଼ ସାନ୍ତା' ଆଦି ପାଠଗୁଡ଼ିକରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

*–ସୁଶାନ୍ତ ବାରିକ, ବ୍ରହ୍ମଗିରି, ପୁରୀ*

*ନାରୀକୁ ସୌନ୍ଦର୍ଯ୍ୟମୟୀ କରେ ତା'ର ପରିଧାନ, ବେଶ ପରିପାଟୀ, ଯାହା ମଧ୍ୟରେ ଶାଢ଼ିର ରହିଛି ସ୍ୱତନ୍ତ୍ର ସ୍ଥାନ। ଏହି କ୍ରମରେ ଦେଖିଲେ ଭାରତୀୟ ଶାଢ଼ି ଭିତରେ ଓଡ଼ିଶା ଶାଢ଼ିର ସ୍ଥାନ ସବୁବେଳେ ସ୍ୱତନ୍ତ୍ର ରହିଆସିଛି। ସେମିତି ଏକ ଶାଢ଼ି ହେଲା କୋରାପୁଟ ଜିଲା, କୋଟପାଡ଼ ସହରର କୋଟପାଡ଼ ଶାଢ଼ି। ଏହି ଶାଢ଼ି ସମ୍ପର୍କରେ ସବିଶେଷ ତଥ୍ୟ ଏଥରର ପ୍ରଚ୍ଛଦ ପ୍ରସଙ୍ଗରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ଦାମୀ ଖ୍ରୀଷ୍ଟମାସ ଟ୍ରି' ପାଠଟି ବି ବେଶ୍ ତଥ୍ୟପୂର୍ଣ୍ଣ ଥିଲା।

*–ଧରିତ୍ରୀ ପାଣିଗ୍ରାହୀ, ସର୍ବୋଦୟ ନଗର, ପୁରୀ*

*ଏଥରର ବ୍ୟକ୍ତିତ୍ୱ ପୃଷ୍ଠାରୁ ମାଛଚାଷ ପାଇଁ ପଦ୍ମଶ୍ରୀ ଉପାଧି ପାଇଥିବା ବଟକୃଷ୍ଣ ସାହୁଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'କାକରରେ ସୂର୍ଯ୍ୟ' ନାମକ ଗପଟି ମନଛୁଆଁ ଥିଲା। ସେହିପରି ଛୁଟିଦିନର ସ୍ୱତନ୍ତ୍ର ବାର୍ଷିକ ବିଶେଷାଙ୍କ ପୃଷ୍ଠାଟି ଖୁବ୍ ଆକର୍ଷଣୀୟ ଲାଗୁଥିଲା। ଏଥିସହିତ ଯୁବ ରେଡକ୍ରସ୍ ଅଧିକାରୀ ତଥା ସାହିତ୍ୟିକ ଡ. ଅଜୟ କୁମାର ତ୍ରିପାଠୀଙ୍କର ରୋଜଗାର ସମ୍ପର୍କିତ ଲେଖାଟି ଖୁବ୍ ପ୍ରେରଣାଦାୟୀ ଥିଲା। ସେହିପରି ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍ ଲାଗୁଥିଲା।

*–ବନ୍ଦିତା ବେହେରା, ପୁଲନଖରା, ଖୋର୍ଦ୍ଧା*

*ସିନେମା ପୃଷ୍ଠାରେ ସ୍ଥାନିତ 'ଆକ୍ସନ ନିଶାରେ ସୋନାକ୍ଷୀ', 'ଭାବି ହେଉଛନ୍ତି ବାଣୀ', 'ଏବେ ଭାଣିଜୀ ଚିନ୍ତା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। ମଡେଲ୍ ମିରର୍‌ରେ ଜୋୟା ବେଶ୍ ସୁନ୍ଦରୀ ଲାଗୁଥିଲେ। 'ଖ୍ରୀଷ୍ଟମାସକୁ କେଉଁଠି କେଉଁଠି ଭିନ୍ନ ଢଙ୍ଗରେ ପାଳନ କରାଯାଏ' ସେ ସମ୍ପର୍କରେ ସହର ପୃଷ୍ଠାରୁ ଅନେକ କିଛି ଜାଣିହେଲା।

*–ଶ୍ରଦ୍ଧା ମହାନ୍ତି, ଝାରସୁଗୁଡ଼ା*

*ବିବିଧା ପୃଷ୍ଠାରେ ସ୍ଥାନିତ 'କୁମ୍ଭୀର ଘର' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଭୂତ ରେଷ୍ଟୁରାଣ୍ଟ', 'ଦୁବାଇର ଆଲ୍ଲାଦିନ' ଆଦି ପାଠଗୁଡ଼ିକ ଭାରି ମଜାଦାର୍ ଥିଲା। ସେହିପରି ବ୍ୟଙ୍ଗ ପୃଷ୍ଠାରୁ 'ଟିଙ୍କଣ କୁହା' ସମ୍ପର୍କରେ ଭିନ୍ନ ଏକ ତଥ୍ୟ ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*–ରଞ୍ଜନ ଦାଶ, ସମ୍ବଲପୁର*

## ବିଶେଷ ଚିଠି




ଖବରକାଗଜର ତୁମେ ନନ୍ଦନ
ନାମଟି ତୁମର ଅଟେ ଛୁଟିଦିନ।
ଆସିଥାଅ ତୁମେ ଷୋହଳ ପୃଷ୍ଠାରେ
ପଢ଼ିବାକୁ ଲାଗେ ମହା ଆନନ୍ଦରେ।
ରାଶିଫଳ, ପାଠକୀୟ ଆଉ ପ୍ରଚ୍ଛଦ ପ୍ରସଙ୍ଗ
ଭାରି ଭଲ ଲାଗେ ପୁଣି ତୁମ ଲେଖାରେ ବ୍ୟଙ୍ଗ।
ଟିକେ ନିଆରା ଲାଗେ ତୁମ ସୃଜନ ପୃଷ୍ଠାଟି
ମନ କିଣି ନେଇଯାଏ ସିଏ ଗୋଟି ଗୋଟି।
ଏପରି ଚଗଲା ମନେ ଲେଖି ଦେଲି ଆସ୍ତେ
ଦୂରରୁ ଥାଇ ସମସ୍ତଙ୍କୁ କରୁଛି ନମସ୍ତେ।

*–ସଞ୍ଜୟ କୁମାର ନାୟକ, ଦକ୍ଷିଣ ମୁଣ୍ଡ ମୁହାଣ, ଯାଆଁଳା, ଜଟଣୀ, ଖୋର୍ଦ୍ଧା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795





# କର୍ମ ହିଁ ଭଗବାନ


**ଏମାନେ ଉଚ୍ଚ ଶିକ୍ଷିତ। ହେଲେ ଚାକିରି ପଛରେ ଦୌଡ଼ି ନାହାନ୍ତି। ସହରର ଗଳି କନ୍ଦିରେ ନିଜର ଛୋଟ ବ୍ୟବସାୟ ଆରମ୍ଭ କରି ପାଲଟିଛନ୍ତି ସ୍ୱାବଲମ୍ବୀ। କୌଣସି କାମ କେବେ ଛୋଟ କି ବଡ଼ ହୋଇପାରେନା ଓ କର୍ମ ହିଁ ଭଗବାନ ଏହି କଥାକୁ ବିଶ୍ୱାସ କରି ସଫଳତା ପଥେ ଆଗେଇ ଚାଲିଛନ୍ତି...**



ଶୈଳେନ୍ଦ୍ର ତରାଇ

ଭଲ ପାଠ ପଢ଼ିଲେ, ବଡ଼ ଚାକିରି କରିବ। ଛୋଟବେଳୁ ପିଲାଙ୍କୁ ଏଇ କଥା ଶିଖାଯାଏ ; ଯାହା ତା'ର ମନ ଭିତରେ ଘର କରିଯାଏ। ତେଣୁ ଅନେକ କ୍ଷେତ୍ରରେ ଲକ୍ଷ୍ୟ କେବଳ ବଡ଼ ଚାକିରି କରିବାରେ ସୀମିତ ରହିଯାଏ। ସେଇଥିପାଇଁ ଉଚ୍ଚଶିକ୍ଷିତ ହେବା ପରେ ଚାକିରି ଛଡ଼ା ଅନ୍ୟ କିଛି କରିବାକୁ କେହି ପସନ୍ଦ କରନ୍ତି ନାହିଁ। ଆଉ ଚାକିରି ନ ମିଳିଲେ ହତାଶ ହୋଇ କରି ବସନ୍ତି ବଡ଼ ବଡ଼ ଭୁଲ୍। ତେବେ ଏହା ବ୍ୟତିରେକରେ ଏବେ ଦେଖିବାକୁ ମିଳୁଛି କେତେକ ଯୁବପିଢ଼ି କର୍ମ ହିଁ ଭଗବାନ କଥାକୁ ବିଶ୍ୱାସ କରୁଛନ୍ତି। ଆଉ କୌଣସି କାମକୁ ଛୋଟ କି ବଡ଼ ନ ଭାବି ଉଚ୍ଚଶିକ୍ଷିତ ହୋଇ ବି ରାସ୍ତାକଡ଼ରେ ଷ୍ଟଲ ଲଗାଇ ଛୋଟ ବ୍ୟବସାୟ ଆରମ୍ଭ କରୁଛନ୍ତି। ଏମିତି କରି ସେମାନେ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟଙ୍କୁ ରୋଜଗାରର ପନ୍ଥା ଯୋଗାଇ ଦେଇପାରୁଛନ୍ତି। ସେମିତି କେତେଜଣ ଉଚ୍ଚଶିକ୍ଷିତ ଷ୍ଟ୍ରିଟ୍‌ଫୁଡ ବ୍ୟବସାୟୀ ଏଥରର ପ୍ରଚ୍ଛଦରେ...

**ସମୋସା କିଙ୍ଗ୍ ଶୈଳେନ୍ଦ୍ର:** ଶୀତ ସନ୍ଧ୍ୟାରେ ଗରମ ଗରମ ସିଙ୍ଗଡା ଖାଇବାକୁ କିଏ ବା ଭଲ ନ ପାଇବ। ସେପୁଣି ଯଦି ଭିନ୍ନ ଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଷ୍ଟଫିଙ୍ଗରେ ମିଳେ, ତେବେ ତ ପୂରା ମଜା ଆସିଯିବ। ଶୁଣିକି ଯଦି ଖାଇବାକୁ ଇଚ୍ଛା ହେଉଛି, ତେବେ ଭୁବନେଶ୍ୱରର ଆଚାର୍ଯ୍ୟବିହାରରେ ଥିବା ପଠାଣି ସାମନ୍ତ ପ୍ଲାନେଟୋରିୟମ ଆଡେ ଯାଆନ୍ତୁ। ପ୍ଲାନେଟୋରିମ୍ ପାର୍ଶ୍ୱରେ ହିଁ ଦେଖିବାକୁ ପାଇବେ 'ସମୋସା କିଙ୍ଗ' ଫୁଡ୍ ଭ୍ୟାନ୍। ଏଠି ଶୈଳେନ୍ଦ୍ର ତରାଇ ନାମକ ଜଣେ ୨୬ ବର୍ଷୀୟ ଯୁବକ ସିଙ୍ଗଡ଼ା ତିଆରି କରିଥାନ୍ତି। ତାଙ୍କ ସିଙ୍ଗଡ଼ାର ଏତେ ଚାହିଦା ଯେ, ୨ ଘଣ୍ଟା ଭିତରେ ତାଙ୍କର ସବୁ ସିଙ୍ଗଡ଼ା ବିକ୍ରି ହୋଇଯାଏ। ଆଉ ଏକଦା ଏହି ଯୁବକ ଜଣକ ଉଚ୍ଚଶିକ୍ଷିତ। ସେ ଏମ୍‌ବିଏ କରିଛନ୍ତି। ତା'ସହ ଏବେ ମାର୍କେଟିଂ ଓ ଫାଇନାନ୍ସରେ ପିଏଚ୍‌ଡି ବି କରୁଛନ୍ତି। ସେ ଚାହିଁଥିଲେ ଭଲ କମ୍ପାନୀରେ ଚାକିରି କରି କରିପାରିଥାନ୍ତେ। କିନ୍ତୁ ସେ କେବେ ବି ଚାକିରି କରିବାକୁ ଚାହିଁ ନ ଥିଲେ। ଶୈଳେନ୍ଦ୍ର କହନ୍ତି,'ମୋର ସବୁବେଳେ ଫୁଡ୍ ସେକ୍ଟରରେ କାମ କରିବାକୁ ଇଚ୍ଛା ଥିଲା। ତେଣୁ ଗ୍ରାଜୁଏସନ୍ ୩ୟ ବର୍ଷରେ ପଢ଼ିବାବେଳୁ ଫ୍ରୋଜେନ୍ ଫୁଡ୍ ଉପରେ ରିସର୍ଚ୍ଚ ଆରମ୍ଭ କରିଦେଇଥିଲି। ୫ବର୍ଷ ରିସର୍ଚ୍ଚ କଲି। ୨୦୧୮ରେ ଏମ୍‌ବିଏ ପଢ଼ା ସରିଲା। ୨୦୧୯ରେ ପ୍ରଥମେ 'ମିସ୍କି' ନାମରେ ଫ୍ରୋଜେନ୍ ଫୁଡ(ନନ୍‌ଭେଜ୍) ବିଜ୍‌ନେସ୍ ଆରମ୍ଭ କରିଥିଲି। ମେଶିନ ଆଣିଥିଲି। କିଛି ପିଲା ବି ରଖିଥିଲି। ହୋଟେଲ, ରେଷ୍ଟୁରାଣ୍ଟଗୁଡିକୁ ଫ୍ରୋଜେନ ନନ୍‌ଭେଜ୍ ଆଇଟମ୍ ଦେଉଥିଲୁ। ବ୍ୟବସାୟ ଭଲ ଚାଲିଥିଲା। ହେଲେ ୬ ମାସ ପରେ କରୋନା ଆସିବା ଯୋଗୁ ହୋଟେଲ, ରେଷ୍ଟୁରାଣ୍ଟ ବନ୍ଦ ହୋଇଗଲା। ତା'ସହ ମୋ ବ୍ୟବସାୟ ବି ପୂରା ବନ୍ଦ ହୋଇଗଲା। ବହୁତ କ୍ଷତି ହେଲା। କିଛି ଧାର ଉଧାର କରି ମିସ୍କିକୁ ପୁଣିଥରେ ଆରମ୍ଭ କରିବା ସହ ସିଙ୍ଗଡ଼ା ବ୍ୟବସାୟ କରିବାକୁ ଭାବିଲି। ଏଥର ମିସ୍କିର ଆଇଟମ୍ ହୋଟେଲକୁ ନ ଦେଇ କନଜ୍ୟୁମର୍‌ଙ୍କୁ ଦେଲୁ। ଏହାର ଚାହିଦା ବି ବଢ଼ିବାକୁ ଲାଗିଲା। ଏହାସହ ସିଙ୍ଗଡ଼ା ତିଆରି ପାଇଁ ଗୁଜରାଟରୁ ମେଶିନ ଆଣିଲି। ହେଲେ ସେଥିରେ ତିଆରି ସିଙ୍ଗଡ଼ାକୁ ଦେଖି ଲାଗିଲା ତାହା ଓଡ଼ିଶା ଗ୍ରାହକଙ୍କୁ ଭଲ ଲାଗିବନି। ତେଣୁ ତାକୁ ଫେରେଇ ଦେଇଥିଲି। ଆଉ ହାତରେ ହିଁ ତିଆରି କରିବା ଆରମ୍ଭ କଲି। ଏତିକିବେଳେ ଜଣେ ସାଙ୍ଗର କୋଭିଡ୍‌ରେ କ୍ଷତି ହୋଇଥିବାରୁ ମତେ ତା'ର ଫୁଡ ଭ୍ୟାନ ବିକ୍ରି କରିବା କଥା କହିଲେ। ଭାବିଲି ଗାଡ଼ି ଯେତେବେଳେ ମିଳିଲା ଯାକୁ ବ୍ୟବହାର କରିବି। ଆଉ ଏଇ ୨ ମାସ ହେବ ଆଚାର୍ଯ୍ୟବିହାର ପ୍ଲାନେଟୋରିୟମ୍ ସାଇଡ୍‌ରେ ମୋ ଫୁଡ ଭ୍ୟାନ ଲଗାଇଛି। ସବୁବେଳେ ରିସର୍ଚ୍ଚକୁ ଭଲ ପାଉଥିବାରୁ ସିଙ୍ଗଡା ଷ୍ଟଫିଙ୍ଗରେ ବି ରିସର୍ଚ୍ଚ କରି ବିଭିନ୍ନ ପ୍ରକାରର ସିଙ୍ଗଡା ତିଆରି କଲି। ଏବେ ଚିକେନ ସମୋସା, ମଟନ ସମୋସା, ଫିଶ୍ ସମୋସା, ପ୍ରନ୍ ସମୋସା, ସୋୟା, ମସରୁମ୍, ଚାଉମିନ, ସ୍ପ୍ରାଉଟ୍, ବେବି କର୍ନ, ଚକୋଲେଟ୍ ସମୋସା ଭଳି ବିଭିନ୍ନ ଭେରାଇଟିର ସମୋସା ଆମେ ଗ୍ରାହକଙ୍କ ପାଇଁ ଉପଲବ୍ଧ ରଖିଛୁ। ଲୋକେ ବି ସେସବୁକୁ ବହୁତ ପସନ୍ଦ କରୁଛନ୍ତି। ଏବେ ସିଙ୍ଗଡ଼ା ମୋଡ଼ିବା, ପିଆଜ କାଟିବା ଭଳି କାମ କରିବା ପାଇଁ ମୁଁ ୯ଜଣଙ୍କୁ ରଖିଛି। ତେବେ ଷ୍ଟଫିଙ୍ଗ ମୁଁ ନିଜେ ତିଆରି କରେ। ପାଣ୍ଡରାସ୍ଥିତ ୱାର୍କଶପ୍‌ରେ ଦୁଇଟା ସିଫ୍ଟରେ ସିଙ୍ଗଡ଼ା ତିଆରି କରି ଫ୍ରୋଜେନ୍ କରି ରଖୁ। ଦିନକୁ ୧୦୦୦ ସିଙ୍ଗଡ଼ା ପ୍ରସ୍ତୁତ କରାଯାଉଛି। ଅପରାହ୍ନ ୫ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଦୋକାନ ଖୋଲିଥାଉ। ସେହି ଫ୍ରୋଜେନ୍ ସିଙ୍ଗଡ଼ାକୁ କେବଳ ଆଣି ଛାଣି ଗ୍ରାହକଙ୍କୁ ଦେଇଥାଉ। ମାସକୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଆୟ ହେଉଛି। ସିଙ୍ଗଡ଼ାରେ ଫ୍ଲେଭର୍ ଦେବା ଲାଗି ମସଲା ଆମେ ଓଡ଼ିଶା ବାହାରୁ ଆଣି ବ୍ୟବହାର କରୁ। ସେଥିପାଇଁ ଆମ ସିଙ୍ଗଡ଼ାର ସ୍ୱାଦ ସବୁଠୁ ଭିନ୍ନ। ଏବେ ଲକ୍ଷ୍ୟ ରହିଛି କେଏଫସି ମାକ୍‌ଡୋନାଲ୍ଡ ପରି ସେଣ୍ଟ୍ରାଲ ପ୍ରୋସେସିଂ ୟୁନିଟ୍ କରି ସେଠି ସବୁ ଜିନିଷ ତିଆରି କରି ବିଭିନ୍ନ ଜାଗାକୁ ପଠାଇବୁ। ସେହିଭଳି ସିଙ୍ଗଡ଼ା ପ୍ରସ୍ତୁତିର ଏସ୍‌ଓପି ପ୍ରସ୍ତୁତ କରିବାକୁ ବି ଚାହୁଁଛି ; ଯଦ୍ଦ୍ୱାରା ଆମ ପିଲାଙ୍କ ଭିତରୁ ଯିଏ ବି ରୋଷେଇ କରିବେ ସମାନ ସ୍ୱାଦ ଆସିବ। ଆଉ ମୁଁ ଏଇ କାମରୁ ଟିକେ ବିରତି ପାଇପାରିବି ଏବଂ ଆଗକୁ ବଢ଼ିବାର ଯୋଜନା କରିପାରିବି।



**ଇଞ୍ଜିନିୟର ଚା' ବାଲା:** ଖରା, ବର୍ଷା ହେଉ ଅବା ଶୀତ। ଚା'ର ମଜା ସବୁ ଋତୁରେ ନିଆରା। ତେଣୁ ଚା'କୁ ଭଲ ପାଉଥିବା ଲୋକ ଓ ଚା' ଦୋକାନଗୁଡ଼ିକର ବେଶ୍ ଚାହିଦା ଥାଏ। ମୟୂରଭଞ୍ଜ, ବାରିପଦାରେ ବି ଏକ









ତା' ଦୋକାନ ଅଛି ; ଯାହାର ଗ୍ରାହକଙ୍କ ତାଲିକା ଢେର ଲମ୍ବା। ଏହି ଚା'ର ସ୍ୱାଦ ଯେମିତି ଚର୍ଚ୍ଚାରେ ତା'ର ଦୋକାନୀ ବି ସେମିତି ଚର୍ଚ୍ଚାରେ। କାରଣ ସେ ଜଣେ ଇଞ୍ଜିନିୟର୍ ଚା' ବାଲା। ତାଙ୍କ ନାମ ହେଉଛି ତାପସରଞ୍ଜନ ଧରମହାପାତ୍ର। ବୟସ ୩୨ ବର୍ଷ। ତାପସ କହନ୍ତି, 'ଚେନ୍ନାଇରେ ଇଞ୍ଜିନିୟରିଂ ପଢିବା ପରେ ପ୍ରଥମେ ସିଲ୍‌ଭାସା ଓ ପରେ ବରୋଦାରେ ଚାକିରି କରୁଥିଲି। କିନ୍ତୁ ସେଠାରେ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହୁ ନ ଥିଲା। ଥରେ ଜଣ୍ଡିସ୍ ହେଲା। ତେଣୁ ଘରକୁ ଆସିଲି ଚିକିତ୍ସା ସହ ବିଶ୍ରାମ ନେବା ପାଇଁ। ଭଲ ହେବା ପରେ ଫେରିଥିଲି। କିନ୍ତୁ ପୁଣିଥରେ ଜଣ୍ଡିସ୍ ହେଲା। ତେଣୁ ଆଉଥରେ ଘରକୁ ଫେରିଲି। ଘରେ କହିଲେ ଆଉ ଯାଆନା। ଏଇଠି ରହି କିଛି କାମ ଆରମ୍ଭ କରେ। ଏତିକିବେଳେ ବାପାଙ୍କର ବି ଦେହାନ୍ତ ହେଇଗଲା। ତେଣୁ ଆଉ ଚାକିରି କରିବାକୁ ଚାହିଁଲିନି। ଚାରି ଭଉଣୀଙ୍କ ବିବାହ ପରେ ଗାଁରେ ମା' ପାଖରେ କେହି ନ ଥିଲେ। ତା' ପାଖରେ ରହି କିଛି ବ୍ୟବସାୟ ଆରମ୍ଭ କରିବାକୁ ନିଷ୍ପତ୍ତି ନେଲି। ଅଭିଜ୍ଞତା ନ ଥିଲା କି ବ୍ୟବସାୟୀ ପରିବାରରୁ ବି ମୁଁ ନୁହେଁ। ତେଣୁ ବଡ ଧରଣର କିଛି ଆରମ୍ଭ କରିବାକୁ ଚାହିଁଲିନି। ଇଣ୍ଟରନେଟ୍ ଜରିଆରେ ସିଲିଗୁଡିର ଏକ ଚା' ଫାର୍ମ ସହ କଥାବାର୍ତ୍ତା ହେଇ ମେମ୍ବର ହେଲି। ସେମାନେ ସାରା ଓଡିଶା ପାଇଁ ଚା' ଫ୍ରାଞ୍ଚାଇଜ୍ ନେବାକୁ କହିଲେ। ମୁଁ ଆରମ୍ଭରୁ ଏତେ ବଡ କାମ କରିପାରିବିନି କେବଳ ନିଜ ଜିଲା ପାଇଁ ପ୍ରଥମେ ଆରମ୍ଭ କରିବି କହିଲି। ସେଥିରେ ସେମାନେ ରାଜି ହେଲେ। ଦାର୍ଜିଲିଂର କଡକ୍ ଚା' ସିଲିଗୁଡିର ସେଇ ଫାର୍ମରୁ ପ୍ୟାକିଂ ହୋଇ ମୋ ପାଖକୁ ଆସିଲା। ସେଗୁଡିକୁ ସ୍ଥାନୀୟ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏକ ଛୋଟିଆ ଷ୍ଟଲ୍ କଲି। ପ୍ରଥମେ ଲୋକଙ୍କୁ ସେଇ ଚା'ର ସ୍ୱାଦ ଚଖେଇବା ପାଇଁ ପିଲାଟିଏ ରଖି ତନ୍ଦୁର ଚା' ଯାହାକି ବାରିପଦାରେ ମିଳୁ ନ ଥିଲା ତାକୁ ତିଆରି କରି ଲୋକଙ୍କୁ ଦେଲୁ। ଲୋକେ ଆଗ୍ରହର ସହ ତନ୍ଦୁର ଚା' ପିଇବାକୁ ଆସିଲେ। ତା'ର ସ୍ୱାଦ ଯେମିତି ଭିନ୍ନ ତିଆରି କରିବାଶୈଳୀ ବି ଅଲଗା। ତେଣୁ ଅଧିକରୁ ଅଧିକ ଲୋକ ଏହାର ସ୍ୱାଦ ଚାଖିବାକୁ ଆସିଲେ। ଚା' ପିଇବା ପରେ ଚା' ପତି ପ୍ୟାକେଟ୍ ବି କିଣିଲେ। ତନ୍ଦୁର ଚା'ର ଚାହିଦା ଏତେ ବଢ଼ିଗଲା ଯେ, ଚା' ପତି ଅପେକ୍ଷା ତନ୍ଦୁର ଚା' ବିକ୍ରି ଅଧିକ ହେଲା। ତେଣୁ ଚା' ଡିଷ୍ଟ୍ରିବ୍ୟୁଟରରୁ ହୋଇଗଲି ଚା' ବାଲା। ଆଉ ବିଭିନ୍ନ ଭେରାଇଟିର ଚା' ଯେମିତି କି ମସାଲା ଚା', କେଶର ଚା, ସାଦା ଚା', ଗ୍ରୀନ ଟି, ବ୍ଲାକ୍ ଟି' ଆଦି ତିଆରି କରିବା ଆରମ୍ଭ କଲୁ। ଏବେ ତିନିଜଣ ପିଲା ଅଛନ୍ତି ଚା' ତିଆରି କରିବାକୁ। ଦିନକୁ ପ୍ରାୟ ୧୫୦୦୦ଟଙ୍କା ରୋଜଗାର ହେଉଛି। ଏବେ ରାଇରଙ୍ଗପୁରରେ ଆଉ ଏକ ଚା' କାଉଣ୍ଟର ଖୋଲୁଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ କାଉଣ୍ଟର କରିବାକୁ ଯୋଜନା ରଖିଛି। କିନ୍ତୁ କରୋନା ପାଇଁ ଆଗକୁ ସେତେଟା ବଢ଼ି ହେଉନି। ମୁଁ ମୋ କାମକୁ ନେଇ ବେଶ୍ ସନ୍ତୁଷ୍ଟ ଅଛି।


ସୁନୀତା ମହାରଣା

**ଇଞ୍ଜିନିୟର୍ ପାନ ଦୋକାନୀ:** କେନ୍ଦୁଝର ସହର ନୂଆ ସାହିରେ ରହୁଛନ୍ତି ପ୍ରୀତିକାନ୍ତ ବେହେରା । ବୟସ ୨୬ ବର୍ଷ । ବାପା କଳାକାର ବେହେରା ହେଉଛନ୍ତି ଜଣେ ଶିକ୍ଷକ ଓ ମା' ଗୃହିଣୀ। କେନ୍ଦୁଝରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରୁ ମାଟ୍ରିକ ପରୀକ୍ଷା ପାସ କରି ପ୍ରୀତିକାନ୍ତ ଭୁବନେଶ୍ୱରରେ ଏକ ଘରୋଇ ଯୁକ୍ତ ୨ ବିଜ୍ଞାନ କଲେଜରେ ପଢ଼ି ସାରିବା ପରେ ଆଦର୍ଶ କଲେଜ ଅଫ ଇଂଜିନିୟରିଂରେ ପଢ଼ିଲେ। ୨୦୧୮ରେ ସେ ମେକାନିକାଲ ବିଭାଗରେ ଡିଗ୍ରୀ ହାସଲ କରି କେନ୍ଦୁଝର ଜିଲାର ଏକ ଇସ୍ପାତ କାରଖାନାରେ ଟ୍ରେନିଂ ନେଇ ଏକ ଭଲ ଚାକିରିଟିଏ ପାଇବା ପାଇଁ ବେଶ୍ ଆଶାବାଦୀ ଥିଲେ। କିନ୍ତୁ କେନ୍ଦୁଝର ଭଳି ଖଣି ଖାଦାନ ଓ ଶିଳ୍ପଭରା ଜିଲାରେ ବି ତାଙ୍କୁ ଚାକିରି ମିଳିଲା ନାହିଁ। ପ୍ରୀତିକାନ୍ତ କହନ୍ତି, 'ବାହାର ରାଜ୍ୟର ଅଣ ଓଡିଆ ଯୁବତୀଯୁବକମାନଙ୍କୁ ବେଶି ଯୋଗ୍ୟ ମନେ କରାଯାଇ ସେମାନଙ୍କୁ ନିଯୁକ୍ତି ଦିଆଯାଉଛି। ହେଲେ ସ୍ଥାନୀୟ ଯୁବତୀଯୁବକ ଉଚ୍ଚଶିକ୍ଷିତ ହୋଇ ବି ଚାକିରିରୁ ବଞ୍ଚିତ ହେଉଛନ୍ତି। ଚାକିରି ନ ମିଳିବାରୁ ମନ କଷ୍ଟ ହେଉଥିଲା ସତ, ହେଲେ ଏଥିରେ ଧୈର୍ଯ୍ୟହରା ନ ହୋଇ ଅନ୍ୟ କିଛି କାମ ଖୋଜିଲି। ଆଉ ଏକ ଟିଭି ଶୋ' ରୁମରେ ଚାକିରି ପାଇଲି। କିନ୍ତୁ କିଛିଦିନ କାମ କରିବା ପରେ ଭାବିଲି ଅନ୍ୟ କାହା ଅଧୀନରେ କାମ କରିବା ପରିବର୍ତ୍ତେ ନିଜେ କିଛି ବ୍ୟବସାୟ ଆରମ୍ଭ କରି ସ୍ୱାବଲମ୍ବୀ ହେବାରେ କ୍ଷତି କ'ଣ ? କୌଣସି କାମ ଛୋଟ କି ବଡ଼ ହୋଇ ନ ଥାଏ। ଯେଉଁ କାମରେ ଆତ୍ମସମ୍ମାନ ରହିବା ସହ ଆତ୍ମସନ୍ତୋଷ ଓ ଖୁସି ମିଳିବ ସେଭଳି କାମ କରିବା ଭଲ। ଆଉ ଏକ ଛୋଟ ପାନ ଦୋକାନ ଖୋଲିଲି। ଧୀରେ ଧୀରେ ତାହା ଭଲ ଚାଲିଲା, ବ୍ୟବସାୟ ବଢିଲା। ଏବେ ପାନ ଦୋକାନ ସହ ଭେରାଇଟି ଷ୍ଟୋର କରିଛି। ଚାକିରି ପାଇଲିନି ବୋଲି ଅବସୋସ ନାହିଁ। କାରଣ ମୁଁ ହତାଶ ନ ହୋଇ ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟ ଉଚ୍ଚ ଶିକ୍ଷିତ ଯୁବତୀଯୁବକଙ୍କ ପାଇଁ ଆଦର୍ଶ ପାଲଟି ପାରିଛି।

**ମୋମୋ କୁଇନ୍ ସୁନୀତା:** ନେପାଳ ଓ ତିବ୍ବତର ପାରମ୍ପରିକ ଖାଦ୍ୟ ମୋମୋର ଚାହିଦା ଏବେ ଆମ ରାଜ୍ୟରେ ଏତେ ଯେ, ଶପିଂମଲ୍‌ଠୁ ଆରମ୍ଭ କରି ପ୍ରତିଗଳିରେ ଦେଖିବାକୁ ମିଳେ ଏହାର ଷ୍ଟଲ୍। ରାଜଧାନୀ ଭୁବନେଶ୍ୱରରେ ବି ଅଛି ଅନେକ ମୋମୋ ଷ୍ଟଲ। ତେବେ ତା'ଭିତରେ ଗୋଟିଏ ଷ୍ଟଲ ଲାଗେ ଟିକେ ଭିନ୍ନ। ଏଇ ଷ୍ଟଲ୍‌ରେ ମୋମୋ ପ୍ରସ୍ତୁତ କରି ବିକ୍ରି କରନ୍ତି ସୁନୀତା ମହାରଣା ନାମ୍ନୀ ଜଣେ ଯୁବତୀ। ଖାଲି ଜଣେ ଝିଅ ମୋମୋ ବିକ୍ରି କରୁଥିବାରୁ ଏଇ ଷ୍ଟଲ ସ୍ୱତନ୍ତ୍ର ନୁହେଁ। ବରଂ ଏହି ଯୁବତୀ ଜଣକ ଉଚ୍ଚ ଶିକ୍ଷିତା ମଧ୍ୟ। ସେ ଜଣେ ଗ୍ରାଜୁଏଟ୍। ରୁହନ୍ତି ଶିରିପୁର ଛକ ଓୟୁଏଟି କ୍ୟାମ୍ପସ ନିକଟରେ। ସୁନୀତା କୁହନ୍ତି, 'କରୋନା ପୂର୍ବରୁ ମୁଁ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲି। କିନ୍ତୁ କରୋନା ଯୋଗୁ କମ୍ପାନୀ ବନ୍ଦ ହୋଇଗଲା ଏବଂ ମୁଁ ଚାକିରି ହରାଇଲି। ବାପା କାଠ କାମ କରୁଥିଲେ। ତିନି ଭାଇ ଭଉଣୀ ଭିତରେ ମୁଁ ବଡ଼। ସାନ ଭାଇ ବି.ଟେକ୍ ପଢୁଛି। ଘରର ଆର୍ଥିକସ୍ଥିତି ସେତେଟା ଭଲ ନୁହେଁ। ମା'ଙ୍କ ଦେହ ଭଲ ରହେ ନାହିଁ। ଏଣେ ତିନି ମାସ ତଳେ କାଠ କାମ କରିବାବେଳେ ଦୁର୍ଘଟଣାବଶତଃ ବାପାଙ୍କର ଗୋଡ କଟିଗଲା। ଫଳରେ ବାପା ବାହାରକୁ ଯାଇ ରୋଜଗାର କରି ଘର ଚଳାଇବା ସ୍ଥିତିରେ ରହିଲେ ନାହିଁ। ସେଥିପାଇଁ ମୁଁ ଘରୁ ଗୋଡ଼ କାଢ଼ି କିଛି ରୋଜଗାର କରିବି ଭାବିଲି। ଆଗରୁ ମୋର ଯେତେବେଳେ ଇଚ୍ଛା ହେଉଥିଲା ଘରେ ପ୍ରାୟତଃ ମୋମୋ, ମସରୁମ୍ ଷ୍ଟିକ୍, ପନିର ଷ୍ଟିକ୍ ତିଆରି କରୁଥିଲି ; ଯାହା ସମସ୍ତଙ୍କୁ ଭାରି ଭଲ ଲାଗୁଥିଲା। ତେଣୁ ଭାବିଲି ଏହାକୁ ନେଇ ବିଜନେସ୍ କରିବି। ବେଶି ଇନ୍‌ଭେଷ୍ଟମେଣ୍ଟ କରିବାକୁ ପଡିବନି। ତା'ସହ ଭଲ ରୋଜଗାର ବି ହୋଇପାରିବ। ତେଣୁ ଷ୍ଟିମର୍, ଗ୍ୟାସ ଚୁଲା, ପୋଷ୍ଟର, ଛତା ଭଳି କିଛି ଜିନିଷ କିଣି ଘର ପାଖରେ ଅର୍ଥାତ୍ ଶିରିପୁର ଛକ ଇଣ୍ଡିଆନ ବ୍ୟାଙ୍କ ନିକଟରେ ଷ୍ଟଲ ପକାଇ ମୋମୋ ସହିତ ପନିର ଷ୍ଟିକ ଓ ମସ୍‌ରୁମ୍ ଷ୍ଟିକ୍ ସହ ସୁଇଟ୍ ବେବି କର୍ନ, ମଟର ସୁପ୍ ବି ତିଆରି କରିବା ଆରମ୍ଭ କଲି। ଷ୍ଟଲ୍‌ର ନାମ ଦେଲି 'ଓମ୍ ସାଇ ମହାରାଜ ମୋମୋସ୍ ଆଣ୍ଡ କ୍ରିସ୍ପି ହାଉସ୍'। ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଷ୍ଟଲ ଖୋଲା ରଖୁଛି। ଲୋକ ବି ମୋର ସବୁ ଆଇଟମ୍‌କୁ ବହୁତ ଭଲ ପାଉଛନ୍ତି। ଦିନକୁ ୩୦୦ଟଙ୍କାରୁ ଊର୍ଦ୍ଧ୍ୱ ଲାଭ ହୋଇଥାଏ। ମା'ଙ୍କ ଚିକିତ୍ସା, ଘରର ସବୁ ଖର୍ଚ୍ଚ, ସାନ ଭାଇର ପାଠପଢା ଖର୍ଚ୍ଚ ସବୁ ବହନ କରୁଛି। ସାନ ଭାଇ କିଭଳି ଇଞ୍ଜିନିୟର ହେବ ତାହା ମୋର ଲକ୍ଷ୍ୟ। ତେବେ ପ୍ରଥମେ ମୋମୋ ତିଆରି ପ୍ରୋସେସ୍ ନିଜେ କରୁଥିଲି। କିନ୍ତୁ ଘରର ଦାୟିତ୍ୱ ବଢ଼ିବା ପରେ ଏତେ ସଂଖ୍ୟକ ମୋମୋ ନିଜେ ତିଆରି କରିବା ସମ୍ଭବ ହେଲାନି। ତେଣୁ ଏବେ ଆଉ ଜଣଙ୍କଠୁ ମୋମୋ କିଣି ଆଣି ଖାଲି ଷ୍ଟିମ୍ କରି ଗ୍ରାହକଙ୍କୁ ଦେଉଛି। କିନ୍ତୁ ପନୀର ଷ୍ଟିକ୍, ମସରୁମ୍ ଷ୍ଟିକ୍, ମଟର ସୁପ, ବେବି କର୍ନ ଆଦି ନିଜେ ପ୍ରସ୍ତୁତି କରେ। ଆଗକୁ ଜଣେ ପିଲା ରଖିବାକୁ ଯୋଜନା ରଖିଛି, ଯିଏ କି ମତେ ସାହାଯ୍ୟ କରିବ। ତା'ସହ ହୋମ୍ ଡେଲିଭରି ବି କରିବି।'


ତାପସ ରଞ୍ଜନ ଧରମହାପାତ୍ର



ଚାକିରି ନୁହେଁ ସ୍ୱାବଲମ୍ବୀ ହେବା ସମସ୍ତଙ୍କ ଜୀବନର ଲକ୍ଷ୍ୟ ହେବା ଜରୁରୀ। କାମ ଯାହା ହେଉ ନା କାହିଁକି ତାକୁ ହୃଦୟର ସହ କରିପାରିଲେ ସଫଳତା ଯେ ନିଶ୍ଚୟ ମିଳିବ ଏହିକଥାକୁ ଏଇ ଉଚ୍ଚଶିକ୍ଷିତ ଯୁବତୀଯୁବକମାନେ ବେଶ୍ ପ୍ରମାଣିତ କରିଦେଇଛନ୍ତି।

**–ଶିବାନୀ ମହାନ୍ତି**

ନରେଶ ଚନ୍ଦ୍ର ପଟ୍ଟନାୟକ(କେନ୍ଦୁଝର)

ତଥ୍ୟ ସହାୟତା: ଅସମାପିକା ସାହୁ

# ଜ୍ୟାକେଟ୍ ଫ୍ୟାଶନ



**ଶୀତଦିନେ ୱିଣ୍ଟର୍ ଜ୍ୟାକେଟ୍‌ର ଚାହିଦା ଖୁବ୍ ରହିଥାଏ। କାରଣ ଏହାକୁ ଯେ କୌଣସି ଆଉଟ୍‌ଫିଟ୍ ସହ ଆରାମରେ କ୍ୟାରି କରି ଶୀତରୁ ରକ୍ଷାପାଇ ହୁଏ। ସେଥିପାଇଁ ମାର୍କେଟ୍‌ରେ ଏହାର ଅନେକ ଭେରାଇଟି ଦେଖିବାକୁ ମିଳିଥାଏ। ତେବେ ଆସନ୍ତୁ ଜାଣିବା ସେମିତି କେତୋଟି ଟ୍ରେଣ୍ଡି ୱିଣ୍ଟର୍ ଜ୍ୟାକେଟ୍ ସମ୍ପର୍କରେ...**

***ପଫର୍ ଜ୍ୟାକେଟ୍:** ଏହା ଏକପ୍ରକାର ଷ୍ଟାଇଲିଶ୍ ୱିଣ୍ଟର୍ ଜ୍ୟାକେଟ୍। ଏହା ଦେଖିବାକୁ କେବଳ ହେଭି ଲାଗେ ହେଲେ ପ୍ରକୃତରେ ସେୟା ନୁହେଁ। କିନ୍ତୁ ଏହାକୁ ପିନ୍ଧିଲେ ଶରୀରକୁ ଆଦୌ ଶୀତ ଜଣାପଡେ ନାହିଁ। ବିଶେଷକରି ଜିନ୍ସ-ଟି-ଶାର୍ଟ ଏବଂ ଟ୍ରାଉଜର୍ ସହ ଏହି ଷ୍ଟାଇଲ୍‌ର ଜ୍ୟାକେଟ୍ ଭଲ ମ୍ୟାଚ୍ କରିଥାଏ।

***ବୋମ୍ବର ଜ୍ୟାକେଟ୍:** ଏହା ମଧ୍ୟ ଏକ ପ୍ରକାର ଷ୍ଟାଇଲିଶ୍ ଜ୍ୟାକେଟ୍। ମାର୍କେଟ୍‌ରେ ଏହାର ଅନେକ ଡିଜାଇନ୍ ଉପଲବ୍ଧ ହେଉଥିଲେ ହେଁ ଖାସ୍ କରି ପ୍ରିଣ୍ଟେଡ୍ ତଥା ଏମ୍ବ୍ରୋଡୋରୀ କାମ ହୋଇଥିବା ବୋମ୍ବର ଜ୍ୟାକେଟ୍‌ର ଚାହିଦା ଯୁବପିଢିଙ୍କ ଭିତରେ ଖୁବ୍ ରହିଥାଏ। କାରଣ ଏହି ଷ୍ଟାଇଲ୍‌ର ଜ୍ୟାକେଟ୍ କେବେ ବି ଆଉଟ୍ ଡେଟେଡ୍ ହୁଏନାହିଁ।

***କଲର୍ ପପ୍ ଜ୍ୟାକେଟ୍:** ଏହା ବି ଏକ ପ୍ରକାର ଫ୍ୟାଶନେବଲ୍ ୱିଣ୍ଟର୍ ଜ୍ୟାକେଟ୍। ମୁଖ୍ୟତଃ ଜିନ୍ସ-ଟି-ଶାର୍ଟ ସହ ଏହି ଜ୍ୟାକେଟ୍‌କୁ ପିନ୍ଧିଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗିଥାଏ। ଆପଣ ଚାହିଁଲେ ଅନ୍ୟ ଆଉଟ୍‌ଫିଟ୍ ସହ ମଧ୍ୟ ଏହାକୁ ଆରାମରେ କ୍ୟାରି କରିପାରିବେ।

***କୋଟ୍ ଷ୍ଟାଇଲ୍ ଜ୍ୟାକେଟ୍:** କୋଟ୍ ଷ୍ଟାଇଲ୍ ଜ୍ୟାକେଟ୍‌କୁ ବି ବ୍ୟବହାର କରି ଶୀତଦିନେ ଡିଫରେଣ୍ଟ ଲୁକ୍ ପାଇହେବ। ଏହାକୁ ଜିନ୍ସ-ଟି-ଶାର୍ଟ ହେଉ ଅବା ସାଲୱାର୍ କମିଜ କିମ୍ବା ଲେହେଙ୍ଗା ଏପରି କି ଶାଢି ସାଙ୍ଗରେ ବି ପେୟାର୍ କରି ଆପଣ ଷ୍ଟାଇଲିଶ୍ ଲୁକ୍ ପାଇପାରିବେ।

***ଡେନିମ୍ ଜ୍ୟାକେଟ୍:** ଏହା ଏକପ୍ରକାର ଅଲ୍ ଟାଇମ୍ ଫ୍ୟାଶନେବଲ୍ ଜ୍ୟାକେଟ୍। ଯେ କୌଣସି ଆଉଟ୍‌ଫିଟ୍ ସହ ଏହାକୁ ଆରାମରେ କ୍ୟାରି କରିହେବ। ଏପରି କି ଆଜିକାଲି ଶର୍ଟ ଲେନ୍ଥରେ ବି ଡେନିମ୍ ଜ୍ୟାକେଟ୍ ମାର୍କେଟ୍‌ରେ ମିଳୁଛି; ଯାହାକୁ ଶାଢି ହେଉ ଅବା ଲେହେଙ୍ଗା ଏପରିକି ଶର୍ଟ ଡ୍ରେସ୍ ସହ ମଧ୍ୟ ପିନ୍ଧିହେବ। ଖାସ୍‌କରି ଏମ୍ବ୍ରୋଡୋରୀ କାମ ହୋଇଥିବା ଡେନିମ୍ ଜ୍ୟାକେଟ୍‌କୁ ଶାଢି ଓ ଲେହେଙ୍ଗା ସାଙ୍ଗରେ ପିନ୍ଧିଲେ ଟିକେ ଡିଫରେଣ୍ଟ ଲୁକ୍ ମିଳିଥାଏ।

***ବ୍ଲାକ୍ ଲେଦର ଜ୍ୟାକେଟ୍:** ଲେଦର୍ ଜ୍ୟାକେଟ୍‌ର ଚାହିଦା ସବୁବେଳେ ଯୁବପିଢିଙ୍କ ମଧ୍ୟରେ ରହିଆସିଛି। ୱେଷ୍ଟର୍ନ ହେଉ ଅବା ଇଣ୍ଡିଆନ ଏପରି କି ସ୍ପୋର୍ଟି ଲୁକ୍ ପାଇଁ ବି ଏହି ଷ୍ଟାଇଲ୍‌ର ଜ୍ୟାକେଟ୍‌କୁ ଆରାମରେ କ୍ୟାରି କରିହେବ। ତେବେ ଭିନ୍ନ ଭିନ୍ନ ରଙ୍ଗରେ ଲେଦର୍ ଜ୍ୟାକେଟ୍ ମାର୍କେଟ୍‌ରେ ଉପଲବ୍ଧ ହେଉଥିଲେ ହେଁ ଖାସ୍ କରି କଳା ରଙ୍ଗର ଲେଦର୍ ଜ୍ୟାକେଟ୍‌କୁ ଯେ କୌଣସି ଆଉଟ୍‌ଫିଟ୍ ସହ ପେୟାର୍ କରି ଷ୍ଟାଇଲିଶ୍ ଲୁକ୍ ପାଇହେବ।

***ପ୍ରିଣ୍ଟେଡ୍ ଜ୍ୟାକେଟ୍:** ଏହି ଜ୍ୟାକେଟ୍ ଯୁବପିଢିଙ୍କୁ ଫ୍ରେଶ୍ ଲୁକ୍ ଦେଇଥାଏ। ଏହା ପିନ୍ଧିବାକୁ ଯେମିତି କମ୍ଫର୍ଟେବଲ୍ ଲାଗେ ଶୀତ ଦାଉରୁ ବି ସେମିତି ସୁରକ୍ଷା ଦେଇଥାଏ। ତା'ସହିତ ଏହାକୁ ଯେ କୌଣସି ଆଉଟ୍‌ଫିଟ୍ ସହ ମଧ୍ୟ ଆରାମରେ କ୍ୟାରି କରିହୁଏ। ଖାସ୍‌କରି ଫ୍ଲୋରାଲ୍ ପ୍ରିଣ୍ଟ ଏବଂ ଆନିମଲ୍ ପ୍ରିଣ୍ଟ ବାଲା ଜ୍ୟାକେଟ୍‌ର ଏବେ ଖୁବ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି।


















# ଶେଷ ଯାଏ ମୂର୍ତ୍ତି ଗଢୁଥିବି



ଶିଳ୍ପୀଙ୍କ ଯାଦୁକରି ହାତର ସ୍ପର୍ଶରେ ନିର୍ଜୀବ ପଥର ଦେହରେ ବି ସଂଚାରିତ ହୁଏ କଳାକୃତିରେ ପ୍ରାଣ। ନିହାଣ ମଗୁରରେ ପଥରକୁ ଖୋଦେଇକରି ଗଢ଼ିତୋଳନ୍ତି ବିଭିନ୍ନ ପ୍ରକାର ସୁନ୍ଦର ସୁନ୍ଦର ମୂର୍ତ୍ତି। ପଥରରେ ତିଆରି ସୁନ୍ଦର ସୁନ୍ଦର କଳାକୃତିକୁ ଦେଖିଲେ ମନେହୁଏ ସଜଫୁଟା ଫୁଲପରି ସତେଜ ଓ ଜୀବନ୍ତ। ଏପରି କଳାକାରିଗରିରେ ଶିଳ୍ପୀ ଖୋଜିଥାନ୍ତି ବିଭିନ୍ନ କାଳ୍ପନିକ, ପୌରାଣିକ ଓ ଐତିହାସିକ ବିଷୟ ଉପରେ ଆଧାରିତ କେତେକ ପ୍ରସଙ୍ଗ। ସେମିତି ଜଣେ ଶିଳ୍ପୀ ତାଙ୍କ ଗାଁ ପାଖ ପାହାଡ଼ ଓ ଜଙ୍ଗଲର ପ୍ରାକୃତିକ ଶୋଭା ତଥା ଐତିହ୍ୟଭରା ସ୍ମୃତିକୁ ସାଉଁଟି ପଥରରେ ତିଆରି କରନ୍ତି ନୂତନ କଳାକୃତି। ଯେଉଁଥିପାଇଁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ ଶିଳ୍ପୀଗୁରୁ କଳ୍ପତରୁ ମହାରଣା। ଜନ୍ମ ୨୬।୮।୧୯୫୪ରେ। ପିତା ଭୋଳି ମହାରଣା। ମା' ସୁକଲତା ମହାରଣା। ଘର କଟକ ଜିଲାର ମାହାଙ୍ଗା ଥାନା ଅନ୍ତର୍ଗତ ଲଳିତଗିରି ଗାଁରେ। ବର୍ତ୍ତମାନ ସେ ରହୁଛନ୍ତି ଭୁବନେଶ୍ୱର କପିଳପ୍ରସାଦ ଅଞ୍ଚଳରେ। ସେ କୁହନ୍ତି, ବଢ଼େଇ କୂଳରେ ମୋର ଜନ୍ମ। ଆମର ପୂର୍ବଜମାନେ ଭଗବାନ ବୁଦ୍ଧଙ୍କ କେତେକ ପଥରମୂର୍ତ୍ତି ଗଢ଼ିଛନ୍ତି। ମା'ବାପାଙ୍କର ଆମେ ୪ପୁଅ ଓ ୩ ଝିଅ। ସେତେବେଳେ ଘରର ଆର୍ଥିକ ଅବସ୍ଥା ଭଲ ନ ଥିଲା। ବିଭିନ୍ନ ପଥରମୂର୍ତ୍ତି କାମରେ ମୋ ବାପା କାମ କରୁଥିଲେ। ଗାଁ ଚାଟଶାଳୀରେ ପଢ଼ା ପରେ ସ୍କୁଲରେ ୯ମ ଯାଏ ପଢ଼ିଛି। ସ୍କୁଲରୁ ଫେରିଲା ପରେ ବିଭିନ୍ନ ପଥର କାମ ପାଇଁ ଶିଳପୁଆ, ଖଲ, ଶିଳ ଆଦି କେତେକ ଘରକରଣା ପଥର ସାମଗ୍ରୀକୁ ତିଆରି କରିବା ଶିଖିଥିଲି। ସମୟକ୍ରମେ ମୂର୍ତ୍ତି ଗଢ଼ିବା ଶିଖିଲି। ପ୍ରଥମେ ବୁଦ୍ଧମୂର୍ତ୍ତି ଗଢ଼ିଥିଲି। ସେତେବେଳେ ଥରେ ହସ୍ତକଳା ଡିଜାଇନର ନବକିଶୋର ସାହୁ ଏବଂ ଜଗନ୍ନାଥ ଦାସ ଆମ ମୂର୍ତ୍ତିଗଢ଼ିବା ସ୍ଥାନକୁ ଆସିଥିଲେ। ପ୍ରଥମେ ମତେ ଏହି କାର୍ଯ୍ୟରେ ଉତ୍ସାହିତ କରିଥିଲେ। ତା'ପରେ ସେମାନଙ୍କ ସହିତ କଥା ହୋଇ ୧୯୬୭ରେ ଭୁବନେଶ୍ୱରରେ ପହଞ୍ଚିଥିଲି। ଏହାପରେ ସେତେବେଳେ ଖଦି ବୋର୍ଡ଼ରେ ଥିବା ଶିଳ୍ପୀଗୁରୁ ରଘୁନାଥ ମହାପାତ୍ର ମୋ ମୂର୍ତ୍ତିଗଢ଼ିବା ଶୈଳୀକୁ ଦେଖି ମତେ ଅଧିକ ଉତ୍ସାହିତ କରିଥିଲେ। ୧୯୭୯ମସିହାରେ ହାଣ୍ଡିକ୍ରାଫ୍ଟ ସେଣ୍ଟରରେ ଇନ୍‌ସପେକ୍ଟର ଭାବେ ନିଯୁକ୍ତି ପାଇଥିଲି । ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ପାଖରେ ରହି ତାଙ୍କଠାରୁ ଏହି ସ୍ଥପତି କଳାକାରିଗରି ସମ୍ପର୍କରେ ଅଧିକ ଶିକ୍ଷାଲାଭ ପାଇଁ ତାଲିମ ନେଇଥିଲି। ଏଥିପାଇଁ ବିଭିନ୍ନ ପୁରାଣଶାସ୍ତ୍ରକୁ ଅଧ୍ୟୟନ କରି ସେସବୁ ବିଷୟ ସମ୍ପର୍କରେ ଜାଣିଲି। ପଥର ଦେହରେ ବିଭିନ୍ନ ମୂର୍ତ୍ତିର ପ୍ରତିକୃତି କିପରି ଗଢ଼ିହେବ ସେଥିପାଇଁ ପ୍ରଥମେ ପ୍ରଥମେ ପଥରକୁ









ମାପକରି ମୂର୍ତ୍ତି ସାଇଜ ନିମନ୍ତେ ଆକଳନ କରିଥାଉ। ଫର୍ମାଟ ଅନୁସାରେ ଆଉଟ ସାଇଜ କରୁ। ଆବଶ୍ୟକ ମୂର୍ତ୍ତିର ନମୁନା ମାପ ଅନୁସାରେ ଖୋଦନ କରିଥାଏ। ତା'ପରେ ଅଙ୍କନ ଅନୁସାରେ ମୂର୍ତ୍ତି ଗଢ଼ିଥାଉ। ଏଥିପାଇଁ ଆବଶ୍ୟକ ପଡୁଥିବା ବିଭିନ୍ନ ପ୍ରକାର ପଥରକୁ କିଣିବାକୁ ପଡ଼ିଥାଏ। ଧକୋଠ, ଖିଚିଂ, ବାଲେଶ୍ୱର, ଖୋର୍ଦ୍ଧା ଆଦି କେତେକ ଅଞ୍ଚଳରୁ ଏହି ମୂର୍ତ୍ତି ଗଢ଼ିବା ପଥରକୁ ସଂଗ୍ରହକରି ଆଣିବାକୁ ପଡ଼ିଥାଏ। ପଥର ଶିଳ୍ପୀ ଭାବେ ମୂର୍ତ୍ତିଗଢ଼ିବା ଅଭ୍ୟାସ ଜାରି ରହିଲା। ଆଜକୁ ପ୍ରାୟ ୬ଦଶନ୍ଧି ଧରି ଏମିତି ପଥରରେ ହସ୍ତଶିଳ୍ପର କଳାକୃତିକୁ ଗଢ଼ିଚାଲିଛି। ପ୍ରତିବର୍ଷ ମୋ ପାଖରୁ ଏକାଧିକ ଶିଷ୍ୟ ପଥରର ହସ୍ତକଳାକୁ ନେଇ ତାଲିମ ପାଇଥାନ୍ତି। ଯେଉଁ କାମଟିକୁ କରେ ସମ୍ପୂର୍ଣ୍ଣ ନ ହେଲା ପର୍ଯ୍ୟନ୍ତ ରହିପାରେ ନାହିଁ । ଗୋଟିଏ କଥା ମନେପଡୁଛି ଥରେ ଦିଲ୍ଲୀରେ ଉତ୍କଳିକା ତରଫରୁ ଏକ ହସ୍ତଶିଳ୍ପ କଳା ପ୍ରଦର୍ଶନ ହୋଇଥିଲା। ହସ୍ତତନ୍ତ କଳାକୃତି ପ୍ରଦର୍ଶନରେ ମୋ ହାତଗଢ଼ା ଏକ ପଥରର (ଦୁର୍ବାସାଙ୍କ )ମୂର୍ତ୍ତିଟିଏ ସେଠାରେ ରଖାଯାଇଥିଲା। ଏହାକୁ ଆମେରିକାର ଜଣେ ବ୍ୟକ୍ତି ଦେଖି ଖୁସି ହୋଇପଡ଼ିଥିଲେ। ତାପରେ ସେଠାରୁ ସେହି ମୂର୍ତ୍ତିକୁ ସେ କିଣିକରି ନେଇଥିଲେ। କିନ୍ତୁ ଟ୍ରାନ୍‌ସପୋର୍ଟିଂରେ କୌଣସି କାରଣରୁ ହୁଏତ କେମିତି ମୂର୍ତ୍ତିର ଅଗ୍ରଭାଗ ଚୂଳ ଟିକେ ଭାଙ୍ଗି ଯାଇଥିଲା। ମାତ୍ର ଆମେରିକାରେ ପହଞ୍ଚିଲା ପରେ ସେଠାରେ ସେହି ମୂର୍ତ୍ତିର ଏମିତି ଅବସ୍ଥା ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ପରେ ସେହି ମୂର୍ତ୍ତିର ସେହି ଭଙ୍ଗା ଅଂଶକୁ ଧରି ସେହି ଦମ୍ପତି ଭୁବନେଶ୍ୱରର ଶିଶୁପାଳଗଡ଼ଠାରେ ପହଞ୍ଚିଥିଲେ। ସେଦିନ ସେ ହସ୍ତଶିଳ୍ପକଳା ସେଣ୍ଟରରେ ରହି ବହୁତ ଖୁସି ହୋଇପଡ଼ିଥିଲେ । ଏହାପରେ ସେହି ମୂର୍ତ୍ତିକୁ ଯୋଡ଼ିବାର ମାପ କୌଶଳ ବତାଇ ଦେଇଥିଲୁ । ତାପରେ ସେ ଖୁସିରେ ସେହି ମୂର୍ତ୍ତିର ଭଙ୍ଗାଅଂଶକୁ ନେଇ ଆମେରିକାକୁ ଫେରିଯାଇଥିଲେ। ଏକଥା ସବୁଦିନ ମନେ ରହିବ। ସେମାନଙ୍କଠାରୁ କଳା ପ୍ରତି ଥିବା ଉତ୍ସାହ ମତେ ଅଧିକ ପ୍ରେରଣା ଦେଇଛି। ଆବୁଧାବିରେ ଏକ ମନ୍ଦିର ନିର୍ମାଣ ପାଇଁ ପ୍ରାୟ ୧୭ଶହ ମୂର୍ତ୍ତିର ଆବଶ୍ୟକ ରହିଛି। ସେଥିପାଇଁ ଏବେ ସେହି କାମ ଚାଲିଛି। ପୂର୍ବରୁ ମୁଁ ମୋର ଗୁରୁ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ସହିତ ବିଭିନ୍ନ ସ୍ଥାନରେ ଯାଇ ଅନେକ ମୂର୍ତ୍ତି ଗଢ଼ିଛି। ୧୯୮୫ରେ ରାଜ୍ୟ ସରକାରଙ୍କଠାରୁ ଶ୍ରେଷ୍ଠ ଶିଳ୍ପୀ ପୁରସ୍କାର, ୨୦୧୬ରେ ରାଜ୍ୟସ୍ତରୀୟ ଲଳିତକଳା ଏକାଡ଼େମୀରୁ ଶିଳ୍ପୀଗୁରୁ, ୨୦୧୪ରେ ତପସ୍ୱିନୀ ପୁରସ୍କାର, ୨୦୧୯ରେ ଶ୍ରେଷ୍ଠଶିଳ୍ପୀ ସମେତ ଶତାଧିକ ପୁରସ୍କାର ଓ ସମ୍ମାନ ମିଳିଛି। ଘରେ ପତ୍ନୀ ଗାୟତ୍ରୀ ମତେ ଏହି କ୍ଷେତ୍ରରେ ସହଯୋଗ କରିଥାନ୍ତି। ମୋର ଏକମାତ୍ର ପୁଅ ରୁଦ୍ରମାଧବ ଏହି କଳାପ୍ରତି ରୁଚି ରଖିଛି, ଗୀତ ବି ଗାଉଛି। ବିଭିନ୍ନ ପଥରର ମୂଲ୍ୟ ଭିନ୍ନଭିନ୍ନ ରହିଥାଏ । ସେଥିରେ ମୂର୍ତ୍ତିଗଢ଼ିଲେ ତା'ର ମୂଲ୍ୟ ବି ଭିନ୍ନ ରହିଥାଏ। ତେବେ ଏହି ପଥରମୂର୍ତ୍ତି ଗଢ଼ିବା କଳା ମତେ ଜଣେ ସ୍ଥପତିର ପରିଚୟ ଦେଇଛି। ଏଥିରେ ଆତ୍ମସନ୍ତୋଷ ମିଳୁଛି। ଜୀବନର ଶେଷ ଯାଏ ମୂର୍ତ୍ତି ଗଢ଼ିଚାଲିଥିବି।

–ବନବିହାରୀ ବେହେରା








## ପ୍ରେମ

—ଖଗେଶ୍ୱର ଖଣ୍ଡୁଆଳ

ବିଶ୍ୱାସରେ ହେଉ ଅବା ସଂଶୟରେ
ନିକଟରେ ହେଉ ଅବା ଦୂରତାରେ
ସମ୍ପର୍କର ସମୋହନରୁ ସୃଷ୍ଟି ହୁଏ ପ୍ରେମ
ଯାହା ଥାଏ କାହା ମନରେ ପ୍ରାଣରେ
ହୃଦୟର ନିବୃତ କୋଣରେ

କିଛି ତ୍ୟାଗ ଆନ୍ତରିକତା
ଆଉ କାହା ସମବେଦନାରେ
ହେଉ କାହାର ଅଭିମାନ
ଅବା ପ୍ରଶଂସାରେ
ପ୍ରେମ ସଦା ଲୁଚି ରହିଥାଏ
ଏକ ଆତ୍ମିକ ଅନୁଭବରେ ।

—ଅରିଲୋ, ସୋମପୁର, କଟକ
ମୋ: ୯୪୩୮୬୧୫୫୮୮



## ଗ୍ରହ

—ଶରତ କୁମାର ଦାସ

ପ୍ରତିଦିନ ସକାଳୁ ସକାଳୁ ସେ ମୁଢ଼ି ବାଲୀଟି ଆମ ସାହିକୁ ମୁଢ଼ି ବିକ୍ରି କରିବାକୁ ଆସେ । ସପ୍ତାହରେ ଥରେ ମୁଁ ତା' ପାଖରୁ ତିରିଶ ଟଙ୍କାର ମୁଢ଼ି କିଣେ । କିନ୍ତୁ ସେ ପ୍ରତିଦିନ ଆମ ଦୁଆର ଖଟଖଟ କରେ । ମୁଢ଼ି କିଣିବା ପାଇଁ ଜୁଲମ କରେ । ଦିନେ ମୁଁ କହିଲି, ସପ୍ତାହରେ ଥରେ ତ ମୁଁ ମୁଢ଼ି କିଣୁଛି । ତମେ ପ୍ରତିଦିନ ସକାଳୁ ଆସି ଅଯଥାରେ କାହିଁକି ମତେ ହଇରାଣ କରୁଛ ? ସେ ଛଳଛଳ ଆଖିରେ କହିଲା, ବାବୁ ! ତମ ହାତ ବଡ଼ ଶୁଭ । ସକାଳୁ ସକାଳୁ ତମ ହାତ ପଡ଼ିଲେ ସେଦିନ ବେପାରଟା ଖୁବ୍ ଭଲ ହୁଏ । ତେଣୁ ପ୍ରତିଦିନ ତମ ହାତରୁ ବଉନି କରିବା ପାଇଁ ମୁଁ ଏତେ ବାଟ ଧାଇଁ ଆସେ । ମୁଁ କହିଲି, ପ୍ରତିଦିନ ତ' ମୁଁ ମୁଢ଼ି କିଣିପାରିବି ନାହିଁ । ତା' ଛଡ଼ା ମୋର ମଧ୍ୟ ଏତେ ମୁଢ଼ିର ଆବଶ୍ୟକତା ନାହିଁ । ସେ ସଙ୍ଗେସଙ୍ଗେ ଚତୁରତାର ସହ କହିଲା, ବାବୁ ! ତମେ ଗୋଟିଏ କାମ କର । ପ୍ରତିଦିନ ତମେ ମୋଠାରୁ ପାଞ୍ଚ ଟଙ୍କାର ଲେଖାଏ ମୁଢ଼ି ରଖ । ଏ ଗରିବ ମୁଢ଼ିବାଲୀ ଅନ୍ତତଃ ଦି' ପଇସା କମେଇ ପାରିବ । ମୁଁ ତା' କଥା ଭାଙ୍ଗି ନ ପାରି ହଁ ଭରିଲି । ସେଇଦିନଠାରୁ ସେ ପ୍ରତିଦିନ ବଡି ଭୋଅରୁ ଆମ ଦରଜା ଖଟଖଟ କରେ ଓ ପାଞ୍ଚ ଟଙ୍କାର ମୁଢ଼ି ଦେଇ ଚାଲିଯାଏ ।

ଏହା ମଧ୍ୟରେ ପ୍ରାୟ ଚାରି ପାଞ୍ଚ ମାସ ବିତିଯାଇ ଥାଏ । ମୋର ମୁଢ଼ି କିଣା ସେମିତି ଅପରିବର୍ତ୍ତିତ ଥାଏ । ଦିନେ ଉଦୁଉଦିଆ ଖରାବେଳଟାରେ ମୁଁ ଦେଖିଲି, ମୁଢ଼ି ବାଲୀଟି ବସ୍ତାଏ ମୁଢ଼ି ମୁଣ୍ଡରେ ଲଦି ରାସ୍ତାରେ ଏକମୁହାଁ ଚାଲିଛି । ମୁଁ ଭାବିଲି, ବୋଧହୁଏ ଏ ଖରାଦିନେ ତା'ର ବେପାର ହଉ ନାହିଁ । ମୁଢ଼ି ଧରି ଘରକୁ ଫେରିଯାଉଛି । ହେଲେ, ଉତ୍କଣ୍ଠାର ସହ ତାକୁ ଡାକି ପଚାରିଲି, ଏତେବେଳ ହେଲାଣି, ମୁଢ଼ି କ'ଣ ଆଉରି ବିକ୍ରି ହୋଇ ନାହିଁ ? ସେ ମୁଢ଼ି ବସ୍ତାଟି ଥୋଇ ଦେଇ ଟିକିଏ ହାଲିଆ ମାରି କହିଲା, କେଡ଼େ କଥାଟିଏ କହିଲେ ଆଜ୍ଞା ! ତମ ହାତ ବାଜିଲେ ପୁଣି ବେପାର ହବନି ! ଦୁଇ ବସ୍ତା ବିକ୍ରି କରି ସାରିଲିଣି । ଏଇଟା ତିନି ନମ୍ବର ବସ୍ତା । ଅନଉ ଅନଉ ସରିଯିବ । ତା' କଥା ଶୁଣି ମୁଁ ବୁଝି ନେଲି ତା' ବେପାର ତା' ଆଶାଠାରୁ ଖୁବ ବଢ଼ିଯାଇଛି ।

ଘରକୁ ଆସି ପତ୍ନୀଙ୍କୁ ମୁଢ଼ିବାଲୀ ବିଷୟରେ ସମସ୍ତ କଥା ଅବଗତ କଲି । ମୋ ହାତ କେତେ ଶୁଭଙ୍କର ବୋଲି ଲମ୍ବା ସଫେଇ ଦେଲି, ହେଲେ ପତ୍ନୀ ବିରକ୍ତ ପ୍ରକଟି କହିଲେ, ମୁଁ ଦେଖୁଛି ତମ ହାତ ବାଜିବା ଦିନରୁ ସେ ମୁଢ଼ିବାଲୀର ବେପାର ଖୁବ ବଢ଼ିଯାଇଛି । ତା'ର ଖୁବ ଉନ୍ନତି ଘଟୁଛି । ହେଲେ ତମର ସବୁଥିରେ ଅବନତି ଘଟିବାରେ ଲାଗିଛି । ତମ ହବା ପ୍ରମୋଶନ ଅଟକି ରହିଛି । ଦେହ ପା ଜମା ଭଲ ରହୁ ନାହିଁ । ବନ୍ଧୁବାନ୍ଧବଙ୍କ ସହ ସମ୍ପର୍କରେ ଭଙ୍ଗା ପଡିଛି । ପତ୍ନୀଙ୍କଠାରୁ ଯୁକ୍ତିଯୁକ୍ତ କଥା ଶୁଣି ଭାବିଲି, ସତରେ ଏଇ ଚାରି ପାଞ୍ଚ ମାସ ମୋର ଜମା ଭଲରେ କଟିନି । ସବୁ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହବାକୁ ପଡିଛି । ହେଲେ କ'ଣ କରାଯାଇପାରେ ପଚାରିବାରୁ ପତ୍ନୀ ସଫେଇ ଦେଲେ, କାଲିଠୁ ତା'ଠାରୁ ମୁଢ଼ି ରଖିବା ବନ୍ଦ କର । ସଫା ସଫା କୁହ, ଆମେ ଆଉ କେହି ମୁଢ଼ି ଖାଇବାକୁ ଭଲ ପାଉନୁ । ତେଣୁ ମୁଢ଼ି ଆଉ ରଖିବାର ନାହିଁ ।

ପତ୍ନୀଙ୍କଠାରୁ ଏ କଥା ଶୁଣି ମୁଢ଼ିବାଲୀକୁ କେମିତି ନିରାଶାର ବାଣୀ ଶୁଣେଇବି, ମନେ ମନେ ଚିନ୍ତା ପ୍ରକଟିଲି । ଶେଷରେ ମୁଢ଼ି ନ କିଣିବାର ଦୃଢ଼ ନିଷ୍ପତ୍ତି ନେଇ କାଲି ସକାଳୁ ତାକୁ ଯେମିତି ହେଲେ ଏ ବିଷୟ ଜଣେଇ ଦେବି ବୋଲି ନିଶ୍ଚିତ ହେଲି ।

ହେଲେ, ଆଶ୍ଚର୍ଯ୍ୟ ! ତା' ପରଦିନ ସକାଳୁ ମୁଢ଼ିବାଲୀର ଦେଖା ନ ଥିଲା । ମୋ ମନରେ ସନ୍ଦେହ ଆସିଲା । ଭାବିଲି, ପ୍ରତିଦିନ ଆସୁଥିବା ମୁଢ଼ିବାଲୀଟି ଆଜି କ'ଣ ପାଇଁ ଆସିଲାନି ? ତା' ଦେହ ପା'ଖରାପ ହେଲା କି ? ନା ସେ କୌଣସି ସୂତ୍ରରୁ ଜାଣି ପାରିଲାକି ମୁଁ ତା'ଠାରୁ ମୁଢ଼ି ନ କିଣିବାକୁ ନିଷ୍ପତ୍ତି ନେଇଛି ବୋଲି ? ଏମିତି ଭାବନା ଭିତରେ କିଛିଦିନ ବିତିଗଲା । କିନ୍ତୁ ବିଚାରୀ ମୁଢ଼ିବାଲୀଟିର ଆଉ ଦେଖା ଦର୍ଶନ ମିଳିଲା ନାହିଁ ।

ଦିନେ ସକାଳୁ ସକାଳୁ ପତ୍ନୀ କହିଲେ, ଏଇ କେଇ ଦିନ ହେଲା ତମେ କାହିଁକି ଭାରି ଉଦାସ ଦିଶୁଛ ? ମୁଁ ଖୁବ୍ ଧୀରେ କହିଲି, ସେ ମୁଢ଼ିବାଲୀର କାହିଁକି ଆଜିକାଲି..... ! ସେ ଏତିକିରେ ମୋଠାରୁ କଥା ଛଡ଼େଇ ନେଇ କହିଲେ, ଛାଡ଼ !ଛାଡ଼ ! ସେ ବାୟାଣୀ ମୁଢ଼ିବାଲୀ କଥା । ଯାହା ହେଲା ଭଲ ହେଲା । ଗୋଟିଏ ଗ୍ରହ ଗଲା । ଜମା ଚିନ୍ତା କରନି । ସେ ଦିନଠୁ ତମର ଶୁଭ ଦିନ ଆସି ଯାଇଛି ବୋଲି ଜାଣ ।

ପତ୍ନୀଙ୍କଠାରୁ ଏ ପ୍ରକାର ଅଭୟ ବଚନ ଶୁଣି ମୁଁ ସାମାନ୍ୟ ହସି ଦେଇ ମନେ ମନେ ଭାବିଲି, ମୁଢ଼ିବାଲୀଠାରୁ ମୁଢ଼ି ନ ରଖିବା ଦିନରୁ ମୋର ଯେ ଅବନତି ଭିତରେ ଭିତରେ ଆଉରି ବଢ଼ିଯାଇଛି ଏ କଥା ବୋଧେ ପତ୍ନୀ ଏ ଯାଏ ଜାଣିପାରି ନାହାନ୍ତି ?

*—ପାଲୁର ବଙ୍ଗଳା ,ଘର ନମ୍ବର– ୨୬*
*ବ୍ରହ୍ମପୁର, ମୋ: ୯୪୩୭୪୨୩୯୮୫*

## କୁହୁଡ଼ି


—ଦୟାନିଧି ଗହୀର

ମୁଁ
ଅଦିନରେ
ଝଡ଼ି ପଡ଼ିଥିବା ଫୁଲ କଢ଼ି

ତମେ
ପୌଷ ସକାଳେ
ପଡୁଥିବା କୁହୁଡ଼ି ।

ଥରୁଟିଏ
ପଡ଼ ମୋ ଉପରେ ଅଜାଡ଼ି ହେଇ
ମୃତବତ ଏ ଜୀବନେ
ପୁଣି ବଞ୍ଚିବାର ଉନ୍ମାଦ
ଯାଉ ସଞ୍ଚରି ।

—ବଡ଼ଡୁଙ୍ଗୁରୀଗୁଡ଼ା
ଗଜବାହାଳ,ରିଷିଡା
କଳାହାଣ୍ଡି
ମୋ: ୯୫୫୬୮୦୨୭୭୦



# ଘାରିଛି ପରିବେଶ ଚିନ୍ତା

ଶ୍ରୁତି ହାସନଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। କେବଳ ସେତିକି ନୁହେଁ, ଏଥିପାଇଁ ସେ ନିଜକୁ ପ୍ରସ୍ତୁତ କରିସାରିଲେଣି। ତେବେ କ'ଣ ପାଇଁ ସେ ଏବେ ଅଧିକ ଆଗ୍ରହ ପ୍ରକାଶ କରିଛନ୍ତି ଜାଣିବେନି? କଥା କ'ଣ କି ପରିବେଶ ସୁରକ୍ଷା ପାଇଁ ସେ ବର୍ତ୍ତମାନ ଅଣ୍ଟା ଭିଡିଛନ୍ତି। ନିକଟରେ ସେ ଫରେନ୍ ଟୁରରେ ଆମେରିକା ଯାଇଥିଲେ। ସେଠାରେ ସେ କେତେଜଣ ପରିବେଶବିତ୍‌ଙ୍କ ସଂସ୍ପର୍ଶରେ ଆସିବା ପରେ ତାଙ୍କ ମନରେ ଏଭଳି ଚିନ୍ତାଧାରା ଉଦ୍ରେକ ହୋଇଥିଲା। ଏ ନେଇ ଶ୍ରୁତି କହନ୍ତି, 'ବର୍ତ୍ତମାନ ପରିବେଶ ପ୍ରଦୂଷଣ ଅନ୍ୟତମ ମୁଖ୍ୟ ସମସ୍ୟା ଭାବରେ ଛିଡା ହୋଇଛି। ତେଣୁ ଏହାର ସୁରକ୍ଷା ଏବଂ ଏଥିପାଇଁ ଅଧିକ ଜନସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଆମେରିକାରେ ମୁଁ କେତେଜଣ ପରିବେଶବିତ୍‌ଙ୍କ ସହ ଆଲୋଚନା କରିଥିଲି। କେବଳ ସେତିକି ନୁହେଁ, ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ସେମାନେ ମଧ୍ୟ ମୋତେ ସହଯୋଗର ହାତ ବଢ଼ାଇଛନ୍ତି। ତା' ସହ ମୋର କେତେ ଜଣ ବନ୍ଧୁ ଏବେ ମୋ ସହ ଏପରି କାମରେ ସାମିଲ ହୋଇଛନ୍ତି। ଯେତେବେଳେ ମୁଁ ମୋର ଏଭଳି ଚିନ୍ତାଧାରା ବିଷୟରେ ପାପା (କମଲ ହାସନ୍)ଙ୍କୁ କହିଲି ସେ ମୋତେ ପ୍ରଶଂସା କରିଥିଲେ।' ତେବେ ପରିବେଶ ସୁରକ୍ଷା କ୍ଷେତ୍ରରେ ଶ୍ରୁତି କେତେ ବାଜିମାତ୍ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ଶ୍ରୁତି

# ବରୁଣ ଯାହା ଖୋଜୁଥିଲେ..

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ସାଜିଦ୍ ନାଦିଓ୍ୱାଦଓ୍ୱାଲାଙ୍କ ଆଗାମୀ ଫିଲ୍ମ 'ମିଷ୍ଟର ଲେଲେ'ରେ ବରୁଣ ନାୟକ ସାଜୁଛନ୍ତି। କିଆରା ଆଡଓ୍ୱାନୀଙ୍କୁ କାଷ୍ଟିଂରୁ ବାଦ୍ ଦିଆଯିବା ପରେ ତାଙ୍କ ଅପୋଜିଟ୍‌ରେ କିଏ ସ୍କ୍ରିନ୍ ସେୟାର କରିବ ସେ ନେଇ କଳ୍ପନା ଜଳ୍ପନା ଲାଗି ରହିଥିଲା। ଏପରି କି ଏ ନେଇ ପରିଣିତି ଚୋପ୍ରା, କ୍ରିତି ସାନନ୍‌ଙ୍କ ନାମ ଶୁଣିବାକୁ ମିଳୁଥିଲା। ହେଲେ ଶେଷରେ ଆଉ ଜଣେ ବାଜି ମାରିନେଇଛନ୍ତି। ସେ ହେଲେ ଜାହ୍ନବୀ କପୁର। ଏକଥା ଜାଣିବା ପରେ ବରୁଣ କହନ୍ତି, 'କାହାଣୀ ଅନୁସାରେ ମୁଁ ମଧ୍ୟ ଚାହୁଁଥିଲି ଯେ ଜାହ୍ନବୀ ହିଁ ଏପରି ରୋଲ୍ ପାଇଁ ଫିଟ୍। ଯାହାହେଉ, ମୁଁ ଯାହା ଚାହୁଁଥିଲି ସେଇଆ ହେଲା। ଜାହ୍ନବୀଙ୍କୁ ଏ ନେଇ ଅଫର ଦିଆଯିବା ପରେ ସେ ମଧ୍ୟ ଗ୍ରୀନ୍ ସିଗନାଲ ଦେଖାଇ ସାରିଛନ୍ତି। ଏହି ଆକ୍ସନଭିତ୍ତିକ ଫିଲ୍ମରେ ମୋତେ ଦର୍ଶକ ଏକ ଭିନ୍ନ ଅବତାରରେ ଦେଖିବାକୁ ପାଇବେ।' ଏହାର ନିର୍ଦ୍ଦେଶନା ଦେବେ 'ହମ୍ପଟି ଶର୍ମା କି ଦୁଲ୍‌ହନିୟାଁ' ଫେମ୍ ଶଶାଙ୍କ ଖୈତାନ୍। ଏହି ଫିଲ୍ମରେ ବରୁଣ-ଜାହ୍ନବୀଙ୍କ ବ୍ୟତୀତ ଭୂମି ପେଡେନକରଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ଜାହ୍ନବୀ

# ଲଭ୍ ଇମ୍ପସିବୁଲ୍

ଲଭ୍‌ରେ ପସିବୁଲ କଥା ଶୁଣିଲେ ପ୍ରେମିକା-ପ୍ରେମିକଙ୍କ ମନରେ ଖୁସିର ଲହରୀ ଖେଳିଯାଏ। ହେଲେ ଯଦି ଲଭ ଇମ୍ପସିବୁଲ ହୁଏ ତେବେ ? ସେମାନଙ୍କର ମନ ତାସ୍‌ର ଘର ପରି ଭାଙ୍ଗିପଡେ। ତେବେ ଏପରି ଏକ ଭିନ୍ନଧରଣର ଲଭ୍ ଷ୍ଟୋରିକୁ ନେଇ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ଲଭ୍ ଇମ୍ପସିବୁଲ'। ମୁନ୍ ଟିଭି ମୁଭିଜ୍ ବ୍ୟାନରରେ ଏହି ଫିଲ୍ମର ଶୁଟିଂ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଚିତ୍ରର ନାୟକ ସାଜିଛନ୍ତି ନବାଗତ ରୋହନ୍ ଏବଂ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ପୁନମ ମିଶ୍ର। ଏହାର ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ। ଫିଲ୍ମଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ତ୍ରିପତି ସାହୁ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦନାଥ ଦାଶ। ଏହି ଫିଲ୍ମ ସମ୍ପର୍କରେ ଅନ୍ୟତମ ପ୍ରଯୋଜକ ସଚ୍ଚିକାନ୍ତ କହନ୍ତି, 'ଯୁବବର୍ଗଙ୍କୁ ଆଖି ଆଗରେ ରଖି ଏଭଳି ଏକ ଭିନ୍ନ ଧରଣର ଲଭ ଷ୍ଟୋରିକୁ ଚୟନ କରାଯାଇଛି। ଏଥିରେ ଲଭ୍, ଇମୋଶନ, ଡ୍ରାମା, ଆକ୍ସନ, କମେଡି-ସବୁକିଛି ଭରି ରହିଛି।' ଏହି ଚଳଚ୍ଚିତ୍ରଟି ଚଳିତ ବର୍ଷ ଭାଲେଣ୍ଟାଇନ୍ ଡେ' ଅବସରରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ରୋହନ୍



ନୋରା

# ଅଡୁଆରେ ପକାଇଛି ବୋଲ୍ଡ ଶଟ୍

ନୋରା ଫତେହିଙ୍କ ଟେନସନ ଏବେ ବଢ଼ିଯାଇଛି। କାରଣ କ'ଣ ଜାଣନ୍ତି। ନିକଟରେ ଜଣେ ନବାଗତ ପ୍ରଯୋଜକ ତାଙ୍କୁ ନିଜ ସିନେମାରେ ଆକ୍ଟିଂ କରିବାକୁ ଅଫର୍ ଦେଇଥିଲେ। ହେଲେ ଏହି ଫିଲ୍ମରେ ନୋରାଙ୍କୁ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ଏକଥା ଯେତେବେଳେ ସେ ଜାଣିଲେ ଅଡୁଆରେ ପଡିଯାଇଥିଲେ। ଏପରି କି ଏହି ଫିଲ୍ମରେ ଆକ୍ଟିଂ କରିବେ ନା ଅଫର୍‌ଟିକୁ ହାତଛଡା କରିବେ ସେ ନେଇ ଗୋଲକ ଧନ୍ଦାରେ ପଡିଯାଇଛନ୍ତି ଏହି ଅଭିନେତ୍ରୀ। ଏଭଳି କଥାକୁ ନେଇ ନୋରା କହନ୍ତି, 'ଏବେ ମୋତେ ଜଣେ ନବାଗତ ପ୍ରଯୋଜକ ତାଙ୍କର ନୂଆ ସିନେମାରେ ଆକ୍ଟିଂ କରିବାକୁ ଅଫର ଦେଇଛନ୍ତି। ହେଲେ ଏଥିରେ କେତୋଟି ବୋଲ୍ଡ ଶଟ୍ ରହିଛି। ବେଡରୁମ୍ ସିନ୍ ବ୍ୟତୀତ ଏକ ବିକିନି ପିନ୍ଧା ଶଟ୍ ମଧ୍ୟ ରହିଛି। ଏ ବିଷୟରେ ଜାଣିବା ପରେ ମୁଁ ଅଡୁଆରେ ପଡିଯାଇଛି। କାରଣ ମୋତେ ଲାଗୁଛି କାହାଣୀକୁ ଆଉ ଟିକେ ରଙ୍ଗୀନ କରିବାକୁ ଏପରି ସିନ୍‌ର ପରିକଳ୍ପନା କରାଯାଇଛି। ତେବେ ଏଥିରେ ମୁଁ ଆକ୍ଟିଂ କରିବି କି ନାହିଁ ସେ ନେଇ କିଛି ନିଷ୍ପତ୍ତି ନେଇପାରିନାହିଁ। ତଥାପି ପ୍ରଯୋଜକ ମୋତେ ଏଥିପାଇଁ ଦୁଇ ସପ୍ତାହ ସମୟ ଦେଇଛନ୍ତି। ଯାହାହେଲେ ବି ମୋତେ ଏ ନେଇ ଫାଇନାଲ ଡିସିସନ୍ ଶୀଘ୍ର ନେବାକୁ ପଡିବ।' ତେବେ ନୋରା ଏହି ଫିଲ୍ମରେ ଅଭିନୟ କରୁଛନ୍ତି କି ନାହିଁ ତାହା ଖୁବ୍ ଶୀଘ୍ର ଜଣାପଡିଯିବ।

# ଡିସେମ୍ବରକୁ ଅପେକ୍ଷା

ଆଉ ଦିନ କେଇଟା ପରେ କେବଳ ଡିସେମ୍ବର ମାସ ନୁହେଁ ଚଳିତବର୍ଷ ଶେଷ ହୋଇଯିବ। ତେବେ ଏହି ବର୍ଷର ଶେଷାର୍ଦ୍ଧରେ ଟାଇଗର ଏକ କଥାକୁ ନେଇ ଟେନସନରେ ଥିଲେ, ଯାହା ଦୂର ହୋଇଛି। ସେ ଅଭିନୟ କରିଥିବା 'ଗଣପଥ' କେବେ ରିଲିଜ ହେବ ସେ ନେଇ ଫାଇନାଲ ହୋଇପାରୁ ନ ଥିଲା। ଶେଷରେ ଏପରି ପରିକଳ୍ପନାର ପରିସମାପ୍ତି ଘଟିଛି। ଏହି ଫିଲ୍ମଟି ଚଳିତ ବର୍ଷ ଖ୍ରୀଷ୍ଟ ମାସ ଅବସରରେ ଅର୍ଥାତ୍ ଡିସେମ୍ବର ୨୩ରେ ପରଦା ଉପରକୁ ଆସିବ। ଅବଶ୍ୟ ଏଥିପାଇଁ ପାଖାପାଖି ବର୍ଷେ ଅପେକ୍ଷା କରିବାକୁ ପଡିବ। ତଥାପି ଏହାକୁ ନେଇ ଆଦୌ ମନ ଦୁଃଖ କରୁନାହାନ୍ତି ଟାଇଗର। ଏ ସମ୍ପର୍କରେ ସେ କହନ୍ତି, 'ଗତ କିଛି ମାସ ହେଲା ଏହି ଫିଲ୍ମଟି କେବେ ରିଲିଜ ହେବ ସେ ନେଇ ଆଲୋଚନା ଚାଲିଥିଲା। ଶେଷରେ ପ୍ରଯୋଜନା ସଂସ୍ଥା ଚଳିତ ବର୍ଷ ଡିସେମ୍ବର ୨୩କୁ ଫାଇନାଲ କରିଛି। ଏ ନେଇ ମୋର ଆଦୌ ମନ ଦୁଃଖ ନାହିଁ। ଏହି ଆକ୍ସନ-ପ୍ୟାକଡ୍ ଫିଲ୍ମ ପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି। ମୋର ଆଶା ରହିଛି ଯେ, ଏଥିରୁ ଦର୍ଶକ ଏକ ଡିଫରେଣ୍ଟ ଟେଷ୍ଟ ପାଇବେ। ଫିଲ୍ମଟି ସବୁବର୍ଗର ଦର୍ଶକଙ୍କୁ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ।' ଜ୍ୟାକି ଭଗନାନି ଏବଂ ବାସୁ ଭଗନାନିଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ବହଲ୍।


ଟାଇଗର


ରିଚା

# ଚାଲିଛି ଦିନ ଗଣନା

ରିଚା ଚଡ୍ଢାଙ୍କ ମନ ଆଉ କେଉଁଠି ଲାଗୁନି। କେମିତି ବା ଲାଗିବ କହୁନାହାନ୍ତି ? କାରଣଟି ହେଲା, ସେ ଖୁବ୍ ଶୀଘ୍ର ହାତକୁ ଦି' ହାତ ହେବାକୁ ଯାଉଛନ୍ତି। କେବଳ ସେତିକି ନୁହେଁ, ଏହି ଶୁଭ ଦିନଟି ମଧ୍ୟ ଜଣାପଡିଯାଇଛି। ଆଉ ସେଥିପାଇଁ ତାଙ୍କର ଖୁସି କହିଲେ ନ ସରେ। ଚଳିତବର୍ଷ ମାର୍ଚ୍ଚ ମାସରେ ସେ ବିବାହ ବନ୍ଧନରେ ଆବଦ୍ଧ ହେବେ। ଅଭିନେତା ଅଲ୍ଲୀ ଫୈଜଲଙ୍କୁ ରିଚା ପତି ଭାବରେ ବରଣ କରିବେ। ଏହି ମ୍ୟାରେଜ ମାଳଦୀପରେ ହେବାର ଯୋଜନା ରହିଛି। ଏ ନେଇ ରିଚା କହନ୍ତି, 'ଅଲ୍ଲୀ ଏବଂ ମୋ ଭିତରେ ଥିବା ନିବିଡ ବନ୍ଧୁତା ଶେଷରେ ବିବାହର ରୂପ ନେବାକୁ ଯାଉଛି। ଏ ନେଇ ମୁଁ ଭାରି ଖୁସି। ତାଙ୍କର ବ୍ୟକ୍ତିତ୍ୱ ମୋତେ ବେଶ୍ ପ୍ରଭାବିତ କରିଛି। ଆମର ଏହି ବିବାହ ଚଳିତ ବର୍ଷ ମାର୍ଚ୍ଚରେ ଅନୁଷ୍ଠିତ ହେବ। ତେବେ ଏ ନେଇ ଡେଟ୍ ଫାଇନାଲ ହୋଇନାହିଁ। ଖୁବ୍ ଶୀଘ୍ର ଏ ସମ୍ପର୍କରେ ମୁଁ ସୂଚନା ଦେଇଦେବି। ମାଳଦୀପରେ ଆମର ମ୍ୟାରେଜ ହେବାର ଯୋଜନା ରହିଛି।' ତେବେ ରିଚାଙ୍କର ଏହି ଶୁଭ ଦିନ କେବେ ଆସୁଛି ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡିବ।

ପ୍ରଥମ ରୋଜଗାର

# ପ୍ରଥମ ପାରିଶ୍ରମିକରେ ଇଷ୍ଟଦେବୀଙ୍କ ପାଖେ ଭୋଗ କରିଥିଲି



କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ **ପ୍ରଶାନ୍ତ ପାଢ଼ୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ମୋ** ଜନ୍ମ ପାରଳାଖେମୁଣ୍ଡିସ୍ଥିତ ଦେବିତୀ ଗ୍ରାମରେ। ବାପାବୋଉଙ୍କର ସଙ୍ଗୀତ ପ୍ରତି ଥିଲା ଅହେତୁକ ଭଲପାଇବା। ଏପରି କି ବାପା ଥିଲେ ଜଣେ ଖ୍ୟାତନାମା କୃଷ୍ଣଲୀଳା, କୀର୍ତ୍ତନ ଗାୟକ। ପିଲାଟିବେଳୁ ସଙ୍ଗୀତ ପରିସରରେ ବଢ଼ିଥିବାରୁ ମୋ ଭିତରେ ବି ସଙ୍ଗୀତ ପ୍ରତି ଦୁର୍ବଳତା ଆସିଯାଇଥିଲା। ପାଠପଢ଼ା ସାଙ୍ଗକୁ ସଙ୍ଗୀତ ଶିକ୍ଷା ଚାଲିଲା। ବହୁ ଗୁଣୀ ଗୁରୁ ଯଥା ମଞ୍ଜୁଶ୍ରୀ ସତ୍ୟ ନାରାୟଣ ପଣ୍ଡା, କିଶୋର ପଟ୍ଟନାୟକ, ଉମାମଣି ପଟ୍ଟନାୟକ, ଭକ୍ତବତ୍ସଳ ପାତ୍ର ତଥା ପୁଷ୍ପାବେଣୀ ପଟ୍ଟନାୟକଙ୍କଠାରୁ ଗାୟନଶୈଳୀ ଶିକ୍ଷାଲାଭ କରିବା ପରେ ଗୁରୁ ଗୋଷ୍ଠଚନ୍ଦ୍ର ପାତ୍ରଙ୍କଠାରୁ ମୁଁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଗ୍ରହଣ କରିଥିଲି। କିନ୍ତୁ ସଙ୍ଗୀତକୁ ନେଇ କ୍ୟାରିୟର କରିବାକୁ କିଛି ଖାସ୍ ସୁଯୋଗ ସେତେବେଳେ ପାରଳାଖେମୁଣ୍ଡିରେ ପାଇ ନ ଥିଲି। ଏହି ସୁବିଧା କଟକ ଆସିବା ପରେ ହିଁ ମିଳିଲା। କାରଣ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରୁ ପି.ଜି ସାରିବା ପରେ ଶିଳ୍ପ ବିଭାଗରେ ଚାକିରି ପାଇଁ ମୁଁ ଏକ ଇଣ୍ଟରଭ୍ୟୁ ଦେଇଥିଲି। ସେଥିରେ କୃତକାର୍ଯ୍ୟ ହୋଇ ଇଣ୍ଡଷ୍ଟ୍ରି ପ୍ରମୋଶନ ଅଫିସର୍ ଭାବେ କଟକରେ ପୋଷ୍ଟିଂ ପାଇଲି। ତେଣୁ ମୋତେ କଟକ ଆସିବାକୁ ପଡ଼ିଲା। କଟକ ଆସିବା ହିଁ ମୋ ପାଇଁ ଲାଭଦାୟକ ହେଲା। ଏଠାରେ ଚାକିରି କଲି; ତା'ସହିତ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କ ପାଖରୁ ହିନ୍ଦୁସ୍ତାନୀ ସଙ୍ଗୀତ ଶିକ୍ଷା ଲାଭ କରି ସଙ୍ଗୀତ କ୍ଷେତ୍ରରେ ନିଜର ଏକ ପରିଚୟ ସୃଷ୍ଟି କରିବାକୁ ଉପଯୁକ୍ତ ମାହୋଲ ବି ପାଇଲି। ଅବଶ୍ୟ ଏଥିପାଇଁ ବହୁତ ସଂଘର୍ଷ କରିବାକୁ ପଡ଼ିଛି। ତେବେ ସେ ଯାହା ହେଉ, ଚାକିରିର ପ୍ରଥମ ଦରମା ୬୦୦ ଟଙ୍କା ଯେବେ ପାଇଲି, ସେଦିନ ବହୁତ ଖୁସି ଥିଲି। କାରଣ ଅଭାବୀ ସଂସାର ଭିତରେ ଆମେ ବଢ଼ିଥିଲୁ। ବେଳେବେଳେ କିଛି ଜିନିଷ ପାଇଁ ନିଜ ଇଚ୍ଛାକୁ ବି ମାରୁଥିଲୁ। ତେଣୁ ଯେବେ ଦରମା ପାଇଲି ସେଦିନ ବଜାରକୁ ଯାଇ ଘରର ସମସ୍ତଙ୍କ ପାଇଁ ନୂଆ ପୋଷାକ କିଣିଆଣିଲି। ତା'ପରେ ପୁରୀ ଯାଇ ଜଗନ୍ନାଥ ମନ୍ଦିରରେ ଭୋଗ କଲି; କାରଣ ତାଙ୍କରି କରୁଣାରୁ ହିଁ ଏସବୁ ସମ୍ଭବ ହୋଇଥିଲା। ଆଉ ଯେବେ ଗାଁକୁ ଗଲି ସାଙ୍ଗରେ କିଛି ମିଠା କିଣି ନେଇଯାଇଥିଲି। ସେଠି ଇଷ୍ଟଦେବୀଙ୍କ ପାଖେ ଭୋଗ କରି ସମସ୍ତଙ୍କୁ ମିଠା ଓ ନୂଆ ଲୁଗା ଦେଇଥିଲି। ସେଦିନର ଅନୁଭୂତି ଆଜିବି ମୋ ମନରେ ସେମିତି ସତେଜ ହୋଇ ରହିଛି। ସେହିପରି ସଙ୍ଗୀତ କ୍ଷେତ୍ରରୁ ବି ଯେବେ ୨୦୦ ଟଙ୍କା ପ୍ରଥମ ପାରିଶ୍ରମିକ ପାଇଲି ତାକୁ ମଧ୍ୟ ନେଇ ଜଗନ୍ନାଥଙ୍କ ପାଖେ ଭୋଗ କରିଥିଲି। କାରଣ ତାଙ୍କରି ଭଜନ ଗାଇକି ହିଁ ମୁଁ ଏହି ଟଙ୍କା ପାଇଥିଲି। ସେଦିନଠୁ ମୁଁ ଆଉ ପଛକୁ ଫେରି ଚାହିଁନି। କ୍ରମେ ସଙ୍ଗୀତ କ୍ଷେତ୍ରରେ ଏତେ ବ୍ୟସ୍ତ ହୋଇଗଲି ଯେ ଶେଷରେ ବାଧ୍ୟ ହେଲି ଚାକିରି ଛାଡ଼ିବାକୁ। ଚାକିରି ଛାଡ଼ି ସଙ୍ଗୀତକୁ ଉଭୟ ନିଶା ଓ ପେସା କରିନେଲି। ଯେଉଁଥିପାଇଁ ପ୍ରାୟ ସତୁରିରୁ ଅଧିକ ଭଜନ ଓ ଆଧୁନିକ କ୍ୟାସେଟ୍ ଏବଂ ହଜାରରୁ ଅଧିକ ଗୀତରେ କଣ୍ଠଦାନ କରିବା ସହ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ର ତଥା ଅନେକ ବଙ୍ଗଳା ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ବହୁ ପ୍ରଶଂସିତ ହୋଇସାରିଛି। ଏଥିସହିତ ୧୯୯୦ ମସିହାରୁ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ଭାବେ ଅନେକ ଭଜନ, ଜଣାଣ, ଓଡ଼ିଶୀ ଓ ସୁଗମ ସଙ୍ଗୀତ ଗାଇ ଶ୍ରୋତାଙ୍କ ମନ ଜିଣିବାରେ ମଧ୍ୟ ସକ୍ଷମ ହୋଇପାରିଛି। *-ଅସ୍ମିତା*

# ଭାବନା ରାଇଜେ ବୁଡିଛି ମନ, ଚାହିଁ ଚାହିଁ ବିତି ଯାଉଛି ଦିନ...

ସାଥୀ



**ପ୍ରଶ୍ନ**–ଜଣେ ଝିଅ ମୋତେ ପ୍ରେମ କରୁଛି କି ନାହିଁ ତାହା କେମିତି ଜାଣିବି କହିବେ କି ସାଥୀ ?

*-ସୁଶାନ୍ତ ଦାସ, ନବରଙ୍ଗପୁର*

**ଉତ୍ତର:** ଆପଣଙ୍କ ମନ ଏବେ ପ୍ରେମ ରୂପକ ଭାବନା ରାଇଜରେ ବୁଡି ରହିଛି। ଯାହାକୁ ମନର ସାଥୀ କରିବାକୁ ଚାହୁଁଛନ୍ତି, ତା' ଅପେକ୍ଷାରେ ଅଛନ୍ତି। 'ଭାବନା ରାଇଜେ ବୁଡିଛି ମନ, ଚାହିଁ ଚାହିଁ ବିତି ଯାଉଛି ଦିନ।' ଯାହାକୁ ମନ ଦେବାକୁ ଚାହୁଁଛନ୍ତି ସେ ଆପଣଙ୍କୁ ପ୍ରେମ କରୁଛି କି ନାହିଁ ତାହା ଜାଣିପାରୁନାହାନ୍ତି। ସେହି ସୁନ୍ଦରୀ ମନର ପରିଭାଷାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ। ତାହାର ଚାହାଣୀ, କଥା କହିବା ଶୈଳୀକୁ ଭଲ ଭାବରେ ଅନୁଧ୍ୟାନ କରନ୍ତୁ। ଯଦି ସେଥିରୁ ପ୍ରେମର ବାସ୍ନା ପାଇଲେ ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥାକୁ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତେବେ ବହି ଫିଟ୍ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। ତା'ପରେ କେବଳ ଧାଡି ଦେଖି ଆଗକୁ ମାଡି ଯିବାର ଅଛି। ହେଲେ ଏହି ସମୟରେ ଯଦି ତରବର ହେଲେ ତେବେ ବାର ବର୍ଷର ତପ ଶୁଖୁଆ ଖୋଳରେ ଚାଲିଯାଇପାରେ।

**ପ୍ରଶ୍ନ**–ଯାହାକୁ ମନ ଦେବାକୁ ଚାହୁଁଛି ତା' ହସରେ ଲାଜ ଭରି ରହିଛି। ତାକୁ ମୋ ମନର କଥା କହିଦେବା ଠିକ୍ ହେବ କି ?

*-ଜିତେନ୍ଦ୍ର ରାଉତ, ଢେଙ୍କାନାଳ*

**ଉତ୍ତର:** ଝିଅଟି ହସରେ ଲାଜ ଭରି ରହିଛି ବୋଲି ଉଲ୍ଲେଖ କରିଛନ୍ତି। ସେହି ଲାଜରୁ ହିଁ ପ୍ରେମର ଆରମ୍ଭ ହୋଇଥାଏ। ତା' ଲାଜୁଆ ଆଖିରେ ଆଖି ମିଶାଇ କଥା ହୁଅନ୍ତୁ। ଯଦି ଦୁଇ ଜଣଙ୍କ ମନ ମିଶିଗଲା ତେବେ ଜାଣିନିଅନ୍ତୁ ଯେ ଆପଣଙ୍କ ଲଭ୍ ମିଶନ ସକସେସ ହୋଇଗଲା। ଡେରି ହୋଇଗଲେ ହୁଏତ ଏହି ଚିଡିଆ ଉଡିଯାଇ ଆଉ କାହା ମନରେ ବସା ବାନ୍ଧିପାରେ। ତେଣୁ ଏପରି ସୁଯୋଗକୁ ହାତଛଡା କରିବା ବିଜ୍ଞତାର ପରିଚାୟକ ନୁହେଁ।

**ପ୍ରଶ୍ନ**–ପ୍ରେମ ନିଶା କ'ଣ ସତରେ ଗାଢ଼ ? ମୁଁ ପ୍ରେମ କରୁଛି ସତ, ହେଲେ ମୋତେ କାହିଁ ସେମିତି ଲାଗୁନାହିଁ। କ'ଣ କରିବି ?

*-ଅଜିତ କୁମାର, କେନ୍ଦ୍ରାପଡା*


**ଉତ୍ତର:** ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। ପ୍ରେମର ନିଶା କେତେ ଗାଢ଼ ଯିଏ ଅସଲି ପ୍ରେମ କରିଛି ସିଏ ହିଁ ଅନୁଭବ କରିଛି। ଯଦି ଏକତରଫା ପ୍ରେମ କରୁଛନ୍ତି ତେବେ ଏହାର ମିଠା ସ୍ୱାଦ କ୍ଷଣିକ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମରେ କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଜାଣି ପାରିବେ ନାହିଁ।

**ପ୍ରଶ୍ନ** – ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହି ପାରୁନି। ଏବେ ମୁଁ କ'ଣ କରିବା ଠିକ୍ ହେବ ?

*-ବସନ୍ତ କୁମାର, ରାଉରକେଲା*

**ଉତ୍ତର:** ଯେଉଁ ଝିଅକୁ କେତେ ଥର ଆଇ ଲଭ୍ ୟୁ କହିସାରିଲେଣି, ତାହାର ମନର ମାନସିକତାକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ସେ କିଛି କହିବାକୁ ଚାହୁଁଛି ହେଲେ କହିପାରୁନି। ସବୁ ମନ କଥା କହି ହୁଏନା। ମନର ଭାଷାରେ ଚାହାଣୀ ଆଉ ହସରେ ପ୍ରତିଫଳିତ ହୋଇଥାଏ। ସେହି ଚାହାଣୀ ଆଉ ହସକୁ ମଗଜ ଖଟାଇ ତର୍ଜମା କରିବାର ଅଛି। ଯଦି ସେ ଝିଅ ଉପରେ ଆପଣଙ୍କର ଶତ ପ୍ରତିଶତ ଭରସା ଅଛି ଆଉ ଏକଥା ମଧ୍ୟ ଜାଣିଛନ୍ତି ଯେ ଦିନେ ନା ଦିନେ ସେ ଆପଣଙ୍କ ପ୍ରେମ ନିବେଦନକୁ ସ୍ୱୀକାର କରିବ, ତେଣୁ ଧୈର୍ଯ୍ୟର ସହ ଟିକେ ଅପେକ୍ଷା କରନ୍ତୁ ନା ! ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !







# ଜୀବିକା ଦେଉଛି କାଠକଣ୍ଢେଇ

ଓଡ଼ିଶାର ବିଭିନ୍ନ ପାରମ୍ପରିକ ହସ୍ତଶିଳ୍ପ ଓ କଳାକାରିଗରି ପାଇଁ ଦେଶବିଦେଶରେ ସ୍ୱତନ୍ତ୍ର ପରିଚୟ ରହିଛି। ଏପରି କି ହସ୍ତଶିଳ୍ପ କଳାରେ ନିୟୋଜିତ କାରିଗରମାନଙ୍କୁ ରୋଜଗାର ପନ୍ଥା ମିଳିଯାଇଥାଏ। ବିଭିନ୍ନ ସମୟରେ କେତେକ ସ୍ଥାନରେ ଆୟୋଜିତ ହେଉଥିବା ମେଳା, ମହୋତ୍ସବରେ କାରିଗରମାନେ ସେମାନଙ୍କ ହସ୍ତକଳା ପସରାକୁ ଖୋଲିଥାନ୍ତି। ସେମାନଙ୍କ ହାତତିଆରି କଳାକୃତିଗୁଡ଼ିକ ଦେଖିବାକୁ ଯେତିକି ସୁନ୍ଦର, ସେମିତି ମନଛୁଆଁ ହୋଇଥାଏ। ନାନା ପ୍ରକାରର ପାରମ୍ପରିକ କଳାକୃତିରେ ଘରକୁ ସଜାଇବାରେ ଅନେକେ ପସନ୍ଦ କରିଥାନ୍ତି। ତେବେ କାଠରେ ତିଆରି ବିଭିନ୍ନ କାଠକଣ୍ଢେଇ ଦେଖିବାକୁ ଖୁବ୍ ସୁନ୍ଦର । ଏମିତି କାଠର ବିଭିନ୍ନ ଖେଳନା ଓ କଳାକୃତିକୁ ତିଆରି କରିଥାନ୍ତି ନୟାଗଡ଼ ଜିଲା ଗଣିଆ ବ୍ଲକ ଅନ୍ତର୍ଗତ ଧୂଆଁମଡ଼ା ଗ୍ରାମର କେତେଜଣ ମହିଳା। ଏଠାକାର ବାସିନ୍ଦା ପ୍ରମିଳା ମହାରଣା କୁହନ୍ତି, ଆମ ଗାଁର ପ୍ରାୟ ୧୦ଜଣ ମହିଳା ନିଜର ବଳକା ସମୟରେ କାଠ ଦ୍ୱାରା ବିଭିନ୍ନ ଖେଳନା ତିଆରି କରିଥାନ୍ତି। ମୁଁ ମଧ ତିଆରି କରେ। ଆମେସବୁ ନାରାୟଣ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟ। ତେବେ ଏଇ କାଠକଣ୍ଢେଇ ଶିଖିବା ପାଇଁ କଟକରୁ ଦୁଇଜଣ କାରିଗର ଆସି ଆମକୁ ତାଲିମ୍ ପ୍ରଦାନ କରିଥିଲେ। ମୋର ୪ ଭାଇ ମଧ୍ୟ ଆଜକୁ ପ୍ରାୟ ୩୦ବର୍ଷ ଧରି ଏହି କାଠକଣ୍ଢେଇ ତିଆରି କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି।’ ସେହିଭଳି ଏହି ଗାଁର ଗୀତାଞ୍ଜଳି ସାହୁ କୁହନ୍ତି, ‘ନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟା ପ୍ରତିଦିନ ସକାଳେ ନିଜ ନିଜ ଘରର ରୋଷେଇକାମ ସାରି ଦିନପ୍ରାୟ ୧୨ଟା ମଧ୍ୟରେ ସ୍ୱୟଂସହାୟକ କେନ୍ଦ୍ରରେ ପହଞ୍ଚିଯାଆନ୍ତି। ଆଉ ବିଭିନ୍ନ ପ୍ରକାରର କାଠକଣ୍ଢେଇ ତିଆରି କରନ୍ତି। ଜଣେ ସଦସ୍ୟା ଦିନକୁ ପ୍ରାୟ ୫୦ଟି କାଠକଣ୍ଢେଇ ତିଆରି କରିପାରେ। ଏମିତିରେ ଦିନକୁ ପ୍ରାୟ ୨ଶହରୁ ୩ଶହ ଟଙ୍କାର ରୋଜଗାର ହୋଇପାରେ। ଏଥିରେ ପରିବାର ଚଳେଇବାରେ ସୁବିଧା ହୋଇଥାଏ। କାମ ସାରିବା ପରେ କାରିଗର ଘରକୁ ପ୍ରାୟ ସନ୍ଧ୍ୟାସୁଦ୍ଧା ଫେରିଯାଆନ୍ତି। ଗାଁର କେତେଜଣ ବ୍ୟକ୍ତି ନିକଟସ୍ଥ କାକୁଡ଼ିଖୋଲ ଜଙ୍ଗଲରୁ ଗମ୍ଭାରୀ କାଠ ସଂଗ୍ରହ କରିଥାନ୍ତି। ସେମାନଙ୍କଠାରୁ ଆମେ ସେହି କାଠ କିଣିଥାଉ।’ ଅନ୍ୟପକ୍ଷେ ଏହି ଧୂଆଁମଡ଼ା ଗାଁର ଚକ୍ରଧର ମହାରଣା କୁହନ୍ତି, ‘କାଠ କଳାକାରିଗରିରେ ଯଦି ସବୁଦିନ ନିର୍ଦ୍ଦିଷ୍ଟ ସମୟ ପାଇଁ ପରିଶ୍ରମ କରୁ ତେବେ ମାସକ ମଧ୍ୟରେ ଜଣେଜଣେ କାରିଗର ପ୍ରାୟ ୧୦/୧୫ହଜାର ଟଙ୍କା ରୋଜଗାର କରିଥାନ୍ତି। କାଠରେ ବିଭିନ୍ନ ପ୍ରକାର ଯଥା ଫୁଲଦାନୀ, ପେନ୍‌ଷ୍ଟାଣ୍ଡ, ଡଙ୍ଗା, ବିଭିନ୍ନ ପଶୁପକ୍ଷୀ, ବାଦ୍ୟ ସାମଗ୍ରୀର ଆକୃତି, ଦଶବତାର ମୂର୍ତ୍ତି, ମାଛ, ଗଣେଶ, ପ୍ରଜାପତି, ଶୁଆଶାରି, ଷଣ୍ଢ, ବିଲେଇ, ହାତୀ ଇତ୍ୟାଦି ତିଆରି କରିଆସୁଛୁ। ତେବେ କଣ୍ଢେଇ ତିଆରି ପାଇଁ ପ୍ରଥମେ ଆମେ ଗମ୍ଭାରୀ ଓ ମହି ଜାତୀୟ ଗଛର କାଠକୁ ବିଭିନ୍ନ ଲୋକଙ୍କ ବାରିରୁ ସଂଗ୍ରହ କରିଥାଉ। କେହି କେହି ନିକଟସ୍ଥ ଜଙ୍ଗଲ ଅଞ୍ଚଳରୁ ବି କାଠ ସଂଗ୍ରହ କରିଥାନ୍ତି। ଏହାପରେ କାଠକୁ ସାଇଜକରି କଟାଯାଇଥାଏ। ପରେ ବିଭିନ୍ନ କଳାକୃତି ପାଇଁ ନିର୍ଦ୍ଦିଷ୍ଟ ମାପର ସେଟ୍ ଅନୁସାରେ ବିଭିନ୍ନ ନମୁନା ପ୍ରସ୍ତୁତକରି ଏଥିରେ ଫେଭିକଲ ଅଠା ଦେଇ ଯୋଡ଼ିଥାଉ। ଆବଶ୍ୟକ ସ୍ଥଳେ ବିଭିନ୍ନ କାଠରଙ୍ଗକୁ ଦେଇ ଅଧିକ ଆକର୍ଷଣ କରିଥାଉ। ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଆଦିବାସୀ ମେଳା, ଶିଶିର ସରସ ସମେତ ବିଭିନ୍ନ ମେଳା ଓ ମହୋତ୍ସବର କେତେକ ଷ୍ଟଲରେ ଆମେ କାଠରେ ତିଆରି କରିଥିବା ବିଭିନ୍ନ ଖେଳନାକୁ ପ୍ରାୟ ୩୦ଟଙ୍କାରୁ ଆରମ୍ଭକରି ୨ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି କରିଥାଉ। କଟକ, ଭୁବନେଶ୍ୱର, ପୁରୀ ଏପରିକି ରାଜ୍ୟ ବାହାରକୁ ମଧ୍ୟ ଏହି କାଠର ଖେଳନା ଓ ବିଭିନ୍ନ ହାତ ତିଆରି କଳାକୃତିକୁ ନେଇଥାଉ। ଏମିତିଭାବେ କାଠ ତିଆରି ବିଭିନ୍ନ କଳାକୃତି ଆମ ରାଜ୍ୟର ହସ୍ତକଳା କାରିଗରିର ସମୃଦ୍ଧିରେ ସହାୟକ ହୋଇଥାଏ।









ଜ୍ୟୋତିର୍ମୟୀ



## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୦୧

# ହାଃ ହାଃ

## ଦେହ ଭଲ ନାହିଁ

ଅଫିସ୍‌ରୁ ଫେରି ସ୍ତ୍ରୀଙ୍କୁ ଉଦାସ ବସିଥିବା ଦେଖି ସ୍ୱାମୀ: କ'ଣ ହୋଇଛି ତୁମର ? ଦେହ ଭଲ ନାହିଁ ନା କ'ଣ ?
ସ୍ତ୍ରୀ: ହଁ, ଦେହ ଭଲ ନାହିଁ।
ସ୍ୱାମୀ: ଡାକ୍ତରଙ୍କ ପାଖକୁ ଟିକେ ଗଲନି।
ସ୍ତ୍ରୀ: ମୁଁ ଜାଣିଛି ତୁମ ପାଖରେ ସମୟ ନାହିଁ। ସେଥିପାଇଁ ମୁଁ ଏକୁଟିଆ ଡାକ୍ତରଙ୍କ ପାଖକୁ ଯାଇଥିଲି।
ସ୍ୱାମୀ: ଡାକ୍ତର କ'ଣ କହିଲେ ?
ସ୍ତ୍ରୀ: ସେ କହିଲେ, ତୁମ ରକ୍ତରେ ଶପିଂର ଅଭାବ ରହିଛି। ତେଣୁ ଶପିଂମଲ୍ ଯାଇ କିଛି କିଣାକିଣି କରି ଆସ। ଦେଖିବ ଦେହ ଭଲ ହୋଇଯିବ।

## ପ୍ରମିସ୍

ପ୍ରମିସ୍ ଡେ'ରେ ଗର୍ଲଫ୍ରେଣ୍ଡ ବୟଫ୍ରେଣ୍ଡକୁ : ଜାଣିଛ ଆଜି ପ୍ରମିସ୍ ଡେ'।
ବୟଫ୍ରେଣ୍ଡ: ତେବେ କ'ଣ କରିବା ?
ଗର୍ଲଫ୍ରେଣ୍ଡ: ତମେ ମତେ କିଛି ପ୍ରମିସ୍ କରନା।
ବୟଫ୍ରେଣ୍ଡ: ହଉ ଠିକ୍ ଅଛି। ଦେଖିଲ ସେଠି ଯେଉଁ ଲାଲ ରଙ୍ଗର କାର୍ ଅଛି...
ଗର୍ଲଫ୍ରେଣ୍ଡ ଖୁସିରେ: ସେମିତି ଗୋଟେ କାର୍ ମୋ ପାଇଁ ଆଣିଦେବ ?
ବୟଫ୍ରେଣ୍ଡ: ସେଇ କାର୍ ରଙ୍ଗର ଲିପ୍‌ଷ୍ଟିକ୍ ମୁଁ ତୁମ ପାଇଁ ଆଣିବାକୁ ପ୍ରମିସ୍ କରୁଛି।

## ମୁଣ୍ଡ ଫଟା

ସ୍ୱାମୀଙ୍କ ମୁଣ୍ଡ ଫାଟି ରକ୍ତ ବାହାରୁଥିବା ଦେଖି ସ୍ତ୍ରୀ: ମୁଣ୍ଡ କେମିତି ଫାଟିଲା ?
ସ୍ୱାମୀ: ମୋର ଗୋଟେ ସାଙ୍ଗ ଇଟା ମାରି ମୋ ମୁଣ୍ଡ ଫଟେଇ ଦେଲା।
ସ୍ତ୍ରୀ: ତମେ ବି ସେମିତି ତାକୁ ମାରିଲନି। ତମ ହାତରେ କ'ଣ କିଛି ନ ଥିଲା ?
ସ୍ୱାମୀ: ହଁ, ମୋ ହାତରେ ସେ ସାଙ୍ଗ ସ୍ତ୍ରୀର ହାତ ଥିଲା।

# ଗୁମ୍ଫା ମନ୍ଦିରର ସହର ବାଦାମୀ



କର୍ନାଟକର ବାଗଲକୋଟ ଜିଲା ଅନ୍ତର୍ଗତ ଏକ ପ୍ରାଚୀନ ସହର ହେଉଛି ବାଦାମୀ। ପାହାଡ଼କୁ କାଟି ଅତି ସୁନ୍ଦର ବାସ୍ତୁକଳା ନିର୍ମାଣ କରିବାରେ ଏହି ସହରର ରହିଛି ବେଶ୍ ନାଁ। ସେଥିପାଇଁ ଏଠାରେ ଅନେକ ଆକର୍ଷଣୀୟ ଗୁମ୍ଫା ମନ୍ଦିର ଦେଖିବାକୁ ମିଳିଥାଏ ; ତନ୍ମଧ୍ୟରୁ ବାଦାମୀ ଗୁମ୍ଫା ମନ୍ଦିରର ରହିଛି ଏକ ସ୍ୱତନ୍ତ୍ର ପରିଚୟ...



ବାଦାମୀ ହେଉଛି କର୍ନାଟକର ବାଗଲକୋଟ ଜିଲା ଅନ୍ତର୍ଗତ ଏକ ପ୍ରାଚୀନ ସହର । ପାହାଡ଼କୁ କାଟି ଆକର୍ଷଣୀୟ ବାସ୍ତୁକଳା ନିର୍ମାଣ କରିବାରେ ଏଠାକାର ଅଧିବାସୀ ବେଶ୍ ପାରଙ୍ଗମ । ତେଣୁ ଏଠାରେ ଅନେକ ସୁନ୍ଦର ସୁନ୍ଦର ଗୁମ୍ଫା ମନ୍ଦିର ଦେଖିବାକୁ ମିଳିଥାଏ । ତନ୍ମଧ୍ୟରୁ ବାଦାମୀ ଗୁମ୍ଫା ମନ୍ଦିର ହେଉଛି ବେଶ୍ ପ୍ରସିଦ୍ଧ । ସେହିପରି ଏଠାରେ ଥିବା ଭୁତନାଥ୍ ମନ୍ଦିର, ବାଦାମୀ ଶିବାଳୟ, ଜମ୍ବୁଲିଙ୍ଗେଶ୍ୱର ମନ୍ଦିରର କାରୁକାର୍ଯ୍ୟ ବି ବେଶ୍ ମନଲୋଭା ହୋଇଥାଏ ।

### ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଷଷ୍ଠରୁ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ଚାଲୁକ୍ୟ ରାଜବଂଶର ରାଜାମାନେ ଆନ୍ଧ୍ରପ୍ରଦେଶ ଓ କର୍ନାଟକର ଅଧିକାଂଶ ଭାଗକୁ ନିଜ ଅକ୍ତିଆରକୁ ନେଇଯାଇଥିଲେ । ଆଉ ସେହି ସମୟରେ ସେମାନେ ବାତାପି (ବାଦାମୀର ପୂର୍ବ ନାମ) ସହରକୁ ତାଙ୍କ ରାଜବଂଶର ରାଜଧାନୀ ଭାବେ ବାଛି ନେଇଥିଲେ । ସୂଚନାନୁଯାୟୀ, ଚାଲୁକ୍ୟ ରାଜବଂଶ ଅଧୀନରେ ଏହି ସହର ଯେତିକି ଦିନ ରହିଥିଲା, ସେହି ସମୟରେ ଏହାର ଖୁବ୍ ଉନ୍ନତି ହୋଇଥିଲା । ଯେହେତୁ ଏହି ସହରରେ ଏକ ସ୍ୱତନ୍ତ୍ର ପ୍ରକାରର ସୁନେଲି ରଙ୍ଗର ବଲୁଆ ପଥରର ପାହାଡ଼ ପ୍ରଚୁର ପରିମାଣରେ ଦେଖିବାକୁ ମିଳିଥିଲା, ତେଣୁ ସେହି ପଥରକୁ କାଟି ଗୁମ୍ଫା ମନ୍ଦିର ତିଆରି କରିବାରେ ସେତେବେଳେ ଚାଲୁକ୍ୟ ରାଜବଂଶର ରାଜାମାନେ ଅଧିକ ଗୁରୁତ୍ୱ ଦେଉଥିଲେ । ଫଳରେ ପର୍ଯ୍ୟାୟକ୍ରମେ ଏଠାରେ ଅନେକ ଗୁମ୍ଫା ମନ୍ଦିରମାନ ଗଢ଼ି ଉଠିଲା ; ଯାହା ଏହି ସହରକୁ ପରେ ଭିନ୍ନ ପରିଚିତି ଆଣିଦେଲା ।

### ଗୁମ୍ଫା ମନ୍ଦିର

ବାଦାମୀରେ ପ୍ରାୟ ଚାରୋଟି ଗୁମ୍ଫା ମନ୍ଦିର ଦେଖିବାକୁ ମିଳିଥାଏ ; ତନ୍ମଧ୍ୟରୁ ତିନୋଟି ହେଉଛି ହିନ୍ଦୁ ମନ୍ଦିର ଏବଂ ଗୋଟିଏ ହେଉଛି ଜୈନ ମନ୍ଦିର ।

* **ପ୍ରଥମ ଗୁମ୍ଫା:** ପ୍ରଥମ ଗୁମ୍ଫା ମନ୍ଦିରଟି ଭଗବାନ ଶିବଙ୍କୁ ସମର୍ପିତ । ଏଠାରେ ଭଗବାନ ଶିବଙ୍କର ନଟରାଜ ମୂର୍ତ୍ତି ଏବଂ ମହିଷମର୍ଦ୍ଦିନୀ ମା'ଙ୍କର ପ୍ରତିମା ଥିବାର ଦେଖିବାକୁ ମିଳିଥାଏ ।


* **ଦ୍ୱିତୀୟ ଗୁମ୍ଫା:** ଏହା ଭଗବାନ ବିଷ୍ଣୁଙ୍କୁ ସମର୍ପିତ । ଏହି ଗୁମ୍ଫାର ପୂର୍ବ ତଥା ପଶ୍ଚିମ କବାଟରେ ଭୁବରାହ ତଥା ତ୍ରିବିକ୍ରମଙ୍କର ବଡ଼ ବଡ଼ ଚିତ୍ର ଲାଗିଥିବାର ଦେଖିବାକୁ ମିଳେ । ସେହିପରି ଉକ୍ତ ଗୁମ୍ଫାର ଉପର କାନ୍ଥରେ ବ୍ରହ୍ମା, ବିଷ୍ଣୁ, ଶିବ ଏବଂ ଅଷ୍ଟଦିଗପାଳଙ୍କର ଚିତ୍ର ହୋଇଥିବାର ବି ଦେଖାଯାଏ ; ଯାହା ଗୁମ୍ଫାଟିକୁ ଅପୂର୍ବ ଶୋଭା ପ୍ରଦାନ କରିଥାଏ ।

* **ତୃତୀୟ ଗୁମ୍ଫା:** ଏହି ଗୁମ୍ଫାରେ ମଧ୍ୟ ବିଭିନ୍ନ ଦେବଦେବୀଙ୍କର ଅପୂର୍ବ ପ୍ରତିମା ତଥା ଚିତ୍ର ଥିବାର ମଧ୍ୟ ଦେଖିବାକୁ ମିଳିଥାଏ ।

***ଚତୁର୍ଥ ଗୁମ୍ଫା:** ଏହା ଏକ ଜୈନ ମନ୍ଦିର ଅଟେ । ମୁଖ୍ୟତଃ ଏହି ଗୁମ୍ଫାରେ ମହାବୀର ଜୈନ ତଥା ପାର୍ଶ୍ୱନାଥଙ୍କର ମୂର୍ତ୍ତି ଏବଂ ବିଭିନ୍ନ ଚିତ୍ର ଥିବାର ଦେଖିବାକୁ ମିଳିଥାଏ ।

### ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀ

ଗୁମ୍ଫା ମନ୍ଦିର ବ୍ୟତୀତ ବାଦାମୀରେ ଆହୁରି କୋଡ଼ୋଟି ଶିବ ମନ୍ଦିର ଥିବାର ମଧ୍ୟ ଦେଖିବାକୁ ମିଳିଥାଏ । ତନ୍ମଧ୍ୟରୁ ମାଲେଗଣ୍ଡୀ ଶିବାଳୟ ହେଉଛି ଖୁବ୍ ପ୍ରସିଦ୍ଧ । ସେହିପରି ଭୁତନାଥ୍ ମନ୍ଦିର, ମଲ୍ଲିକାର୍ଜ୍ଜୁନ୍ ମନ୍ଦିର, ଦତ୍ତାତ୍ରୟ ମନ୍ଦିର, ବାଦାମୀ ଶିବାଳୟ, ଜମ୍ବୁଲିଙ୍ଗେଶ୍ୱର ମନ୍ଦିରର ଅପୂର୍ବ ବାସ୍ତୁକଳା ବି ଖୁବ୍ ଆକର୍ଷଣୀୟ ହୋଇଥାଏ । ତା'ଛଡ଼ା ବାଦାମୀରେ ଏକ ଦୁର୍ଗ ବି ରହିଛି, ଯାହା ମଧ୍ୟରେ ଅନେକ ପ୍ରାଚୀନ ମନ୍ଦିର ଥିବାର ମଧ୍ୟ ଦେଖାଯାଏ । କେବଳ ସେତିକି ନୁହେଁ ଦୁଃସାହସିକ କ୍ରୀଡ଼ାରେ ରୁଚି ରଖୁଥିବା ପର୍ଯ୍ୟଟକ ଚାହିଁଲେ ବାଦାମୀରେ ପାହାଡ଼ ଚଢିବାର ମଧ୍ୟ ମଜା ନେଇପାରିବେ । ସେହିପରି ଏହି ସହରରେ କେତୋଟି ଝରଣା ତଥା ଜଳାଶୟ ବି ରହିଛି ; ଯାହା ପର୍ଯ୍ୟଟକଙ୍କୁ ଭିନ୍ନ ଏକ ଅନୁଭୂତି ଦେଇଥାଏ ।



### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ବାଦାମୀକୁ ଯିବା ପାଇଁ ସେପ୍ଟେମ୍ବରରୁ ଫେବୃୟାରୀ ହେଉଛି ସବୁଠୁ ଉପଯୁକ୍ତ ସମୟ । ସେହିପରି ଏହି ସହରକୁ ଯିବା ପାଇଁ ବସ୍, ଟ୍ରେନ୍ ତଥା ବିମାନର ବି ଭଲ ବ୍ୟବସ୍ଥା ରହିଛି ।











# ଗଛକୁ ଭଲ ପାଇଲେ, ବାହା ହେଲେ




ଭଲ ପାଇବା କେବେ କାହା ସହ ହେବ କେହି ଜାଣି ନ ଥାଆନ୍ତି। ଯେମିତିକି ଇଂଲଣ୍ଡର ଜଣେ ମହିଳା ମଣିଷଙ୍କୁ ଛାଡି ଭଲ ପାଇଛନ୍ତି ଏକ ଗଛକୁ। ଆଉ ତାକୁ ବିବାହ ବି କରିଛନ୍ତି। ଉକ୍ତ ମହିଳାଙ୍କୁ ସେହି ଗଛ ଭିତରେ ହିଁ ଜୀବନସାଥୀ ନଜର ଆସିଥିଲା। ତେଣୁ ସେ ତିନିବର୍ଷ ପୂର୍ବେ ଗଛକୁ ବିବାହ କରିଥିଲେ। ଆଉ ଆଜି ପର୍ଯ୍ୟନ୍ତ ଖୁସି ଖୁସି ବୈବାହିକ ଜୀବନ ଅତିବାହିତ କରୁଛନ୍ତି। ଏହି ମହିଳାଙ୍କ ନାମ ହେଉଛି କେଟ୍ କନିଂଘମ୍। କେଟ୍ କହନ୍ତି, ‘ପାର୍କକୁ ଯିବା ଆସିବା ଭିତରେ ମତେ ଏକ ଗଛ ବହୁତ ଭଲ ଲାଗିଥିଲା। ଆଉ ଧୀରେ ଧୀରେ ଏହା ଭଲ ପାଇବାର ରୂପ ନେଲା। ଶେଷରେ ସେହି ଗଛକୁ ବିବାହ କରି ସ୍ୱାମୀଭାବେ ଗ୍ରହଣ କଲି।’ ଏବେ ସେମାନଙ୍କ ବୈବାହିକ ଜୀବନ ବେଶ୍ ପରଫେକ୍ଟ ଚାଲିଛି। କେଟ୍ ନିଜର ସର୍‌ନେମ୍ ବି ବଦଳାଇ ଦେଇଛନ୍ତି। ଆଉ ମିସେସ୍ ଏଲ୍ଡର ରଖିଛନ୍ତି। ସେ ନିଜର ଭିଜିଟିଂ କାର୍ଡରେ ବି ମିଷ୍ଟର ଆଣ୍ଡ ମିସେସ୍ ଏଲ୍ଡର ରଖିଛନ୍ତି। ସେ ୨୦୧୯ରେ ବେଶ୍ ଧୁମ୍‌ଧାମ୍‌ର ସହ ରିମର୍ସ ଭ୍ୟାଲୀ କାଉଣ୍ଟି ପାର୍କରେ ଥିବା ନିଜ ପ୍ରେମିକ ଗଛ ସହିତ ବିବାହ କରିଥିଲେ। ସପ୍ତାହକୁ ୫ ଥର ସେ ନିଜ ସ୍ୱାମୀଙ୍କୁ ଦେଖିବାକୁ ଆସନ୍ତି। ଖ୍ରୀଷ୍ଟମାସ୍ ଅବସରରେ କେଟ୍ ନିଜ ସ୍ୱାମୀଙ୍କୁ ବହୁତ ସୁନ୍ଦର ସୁନ୍ଦର ଡେକୋରେଟିଭ୍ ସାମଗ୍ରୀରେ ସଜାଇଥାନ୍ତି।

## କାର୍ଟୁନ କର୍ନର



# ଯୁଗ ଆଗଉଛି

–ଶ୍ରୀମାନ୍ ସର୍ବଗିଳା



ଯେବେଠୁ ସାଆନ୍ତମାନଙ୍କର ଲରିବସ୍, ମୋଟରଗାଡ଼ି ସବୁ ରାସ୍ତାରେ ଗଡ଼ିଲା, ତା'ପରଠୁ ମାଗୁଣି ଓ ତା' ଶଗଡ଼ମାନେ ମରିହଜିଗଲେ । ଯେଉଁ କେତେଟା ଜରାଜୀର୍ଣ୍ଣ ଅବସ୍ଥାରେ ବଞ୍ଚିରହିଲେ, ତାହା ଆଜିକାଲିର 'ଭାଗବତ ଟୁଙ୍ଗି' ବନାମ କ୍ଲବ ଘର ଅବସ୍ଥା ପରି ଲାଗିଲା।

ମାଗୁଣି ଯେମିତି ତା' ଶଗଡ଼ଗାଡ଼ିରେ ମୋଟା ନଡ଼ା ଗଦି ଅଖା ପକେଇ ଢେର୍ ନରମ ଗଳାରେ ପାସେଞ୍ଜରଙ୍କୁ ଡାକିଲେ ନିରାପଦରେ ନେଇ ଠିକଣାଜାଗାରେ ଛାଡ଼ିଦେବା ପାଇଁ, ହେଲେ ତା' କଥା କେହି ଶୁଣିଲେ ନାହିଁ। ପଛଦିନର ଉପକାର ସାହାଯ୍ୟ ଭୁଲି ସାଆନ୍ତଙ୍କ ଲରିଗାଡ଼ି, ଚକମକିଆ ଦ୍ରୁତ ବେଗଗାମୀ ଯାନରେ ବସି ଆଗେଇଲେ । ଠିକ୍ ସେମିତି ଭାଗବତ ଟୁଙ୍ଗିରେ ପୁରାଣ ପାଠ କରୁଥିବା ନନା ଯେତେ ଆମ ସଂସ୍କାର ସଂସ୍କୃତି କଥା କହି ଈଶ୍ୱରଙ୍କ ନାମ ଶୁଣେଇ କଅଁଳିଆ କଥା କହି କମ୍ବଳ ଆସନ ବିଛେଇ ପରମ୍ପରା ବଞ୍ଚେଇ ରଖିବାକୁ ଅନୁନୟ ହେଲେ ବି କେହି ଆଉ ତାଙ୍କ କଥା ନ ଶୁଣି ସୁନ୍ଦରିଆ ଛାତ, ରଙ୍ଗିନ ଟିଭି ଲଗା କ୍ଲବ ଘର ଭିତରେ ସକାଳେ ସଞ୍ଜେ ଭିଡ଼ ଜମେଇଲେ । ପଣାସଂକ୍ରାନ୍ତିରେ ଆମେ ନୂଆବର୍ଷରେ ଭାଗବତ ଟୁଙ୍ଗି ହେଉ କି ଚଉରାରେ ପଣା ଦେବା ଭୁଲି କ୍ଲବ ଘରେ ମଦ ମାଉଁସରେ ମସ୍‌ଗୁଲ୍ ହେଇ ଅଙ୍ଗ୍ରେଜିଆ ନୂଆବର୍ଷ ବଡ଼ ଜାକଜମକରେ ପାଳିଲେ । ହରିନାମ ଭୁଲି 'ହାପି ନିୟୁଇୟର' ବୋଲି କହି ବିୟର ବୋତଲରେ ଚିୟର କଲେ । ଦିନକୁ ଦିନ ଭାଗବତ ଘର ଶୂନ୍ୟ – କ୍ଲବ ହାଉସ୍ ପୂର୍ଣ୍ଣ ହେଇ ଚାଲୁଛି । ଭାଗବତ ଟୁଙ୍ଗିର ଅରୁଆଚାଉଳ, ଚୁଡ଼ା କଦଳୀ ଭୋଗ କର୍ପୂର ବାସ୍ନାଠାରୁ କ୍ଲବ ଘରର ଭୋଜିଭାତ ମଦ ମାଂସର ଆସର ବେଶି ବେଶି ମଣିଷଙ୍କୁ ଆମୋଦ ଦାୟକ ମନେହେଉଛି । ରାଇଜ ଢେର୍ ଆଗେଇଛି । ତେଣୁ ଭଗବାନଙ୍କଠୁ ଭୟ ଭକ୍ତି କମି କମି ନେତାଙ୍କ ପ୍ରତି ଭୟ ଭକ୍ତି ପ୍ରୀତି ବଢ଼ିଛି । ଦିଅଁଙ୍କ ପାଇଁ ମୁଠାଏ ଫୁଲର ଅଭାବରେ ଯଥାକଥା ପୂଜା ହେଲାବେଳେ ନେତାଙ୍କ ଗଳାର ଗଜରାର ଓଜନକୁ ସମ୍ଭାଳିବା ପାଇଁ ଆଠ ଦଶ ଲୋକଙ୍କର ଭିଡ଼ ଜମୁଛି । ଆମ ଭଗବାନ ପୋଥି ପୁରାଣର ସ୍ୱର ମରିମରି ଗଲାବେଳେ ନୂଆବର୍ଷରେ କ୍ଲବମାନଙ୍କରେ ଲାଉଡ୍ ସ୍ପିକରର ଗର୍ଜନ ଶୁଭୁଛି । ତେଣୁ ବେଶ୍ ବୁଝାପଡୁଛି, ରାଇଜ ଢେରଢେର୍ ଆଗଉଛି । ମିଛ କହିବାକୁ କି ଅଭାବରେ ପଡ଼ି ଚୋରି କରିବାକୁ ସାହସ କରୁ ନ ଥିବା ଲୋକ ଏବେ ଶହେକେ ଶହେ ଖାଣ୍ଟି ମିଛ କହି ପର ଧନ, ସର୍କାରୀ ପାଣ୍ଠି ଲୁଟି ଖାଇବା ଶିଖି ଯାଇଛି । ଗାଁ, ପରିବାରରେ କଳିକରାଳ ଦିନେ ଦୁଇଦିନ ଭିତରେ ଭାଗବତ ଟୁଙ୍ଗି ନ ହେଲେ ଦୋଳବେଦି ଚଉପାଢ଼ି ଉପରେ ପଞ୍ଚପରମେଶ୍ୱରଙ୍କର ନ୍ୟାୟ ନିଶାପରେ ଆଉ ସମାଧାନ ନ ହୋଇ କୋର୍ଟକଚେରି ମୁହାଁଇଛି । ଦିନେ ଦୁଇଦିନର ଫଇସଲା ହେଉଥିବା କେସ୍ ତାରିଖ ପରେ ତାରିଖ ଗଡ଼ି ମାସ ମାସ ବର୍ଷ ବର୍ଷ ବିତିଲେ ବି ଆଜିର ମଣିଷ ସମୟ ଅମାପ ଅର୍ଥସାରି ସିଆଡ଼କୁ ପ୍ରବଳବେଗରେ ଧାଉଁଛି । ତେଣୁ ବୁଝାପଡୁଛି ରାଇଜ ଢେର ଆଗେଇଛି । ଶାସ୍ତ୍ର ପୁରାଣ ରାମାୟଣର ଭ୍ରାତୃ ସ୍ନେହ ସମ୍ପର୍କ ଶକୁନିର କୂଟନୀତିରେ ବିବାଦ ପ୍ରାଣଘାତକ ସାଜିଛି । କୁଳବଧୂର ଶଶୁରାଳୟ ଯମାଳୟ ପରି ବୋଧ ହେଉଛି । ସନ୍ଥଙ୍କ ମହତବାଣୀ ଶାସ୍ତ୍ରାଦି ପଠନ ଶ୍ରବଣଠାରୁ ଟିଭିର ଘରଭଙ୍ଗା ସିରିଏଲ୍ ବହୁତ ଆକର୍ଷଣୀୟ ମନେହେଉଛି । ମନ୍ଦିରରେ ମଣିଷ ହାତ ବଜା ଘଣ୍ଟ ଘଣ୍ଟା ମାଦଳ ବାଜି ଆଳତି ନ ହୋଇ ବିଜୁଳି ଚାଳିତ ବାଜାର ଶବଦରେ ଆଳତି ହେଉଛି । ଯୁଗ ଆଗେଇଛି । ଭଗବାନଙ୍କ ପାଇଁ ସମୟ ନାହିଁ, ଶାସ୍ତ୍ର ପୁରାଣ ଆମ ସଂସ୍କୃତି ପରମ୍ପରା ପାଇଁ ସିନା ସମୟ ନାହିଁ, ହେଲେ ବିଦେଶିଆ ବ୍ରିଟିଶିଆ ବ୍ୟାଟ୍ ବଲ୍ ବାଡ଼େଇ କ୍ରିକେଟ୍ ଖେଳିବା ପାଇଁ ସମୟ ଅଛି । ସବୁ କାମ ଧନ୍ଦା ଛାଡ଼ି ଟୋକାଠୁ ବୁଢ଼ା ପଡ଼ିଆରୁ ଟିଭିରେ ମୁହଁମାଡ଼ି ଦେଖିବା ପାଇଁ ସମୟ ଅଛି । ସମୟ ଅଛି ଦିନ ରାତି ଘଷା ଫୋନ୍ ଧରି କଥା ଅକଥା ଦେଖିବାପାଇଁ । ଆପଣା ଚରିତ୍ର ସୁଧାରିବାଠାରୁ ପର ଚରିତ୍ରର ଚର୍ଚ୍ଚା ପାଇଁ ଅଛି ସମୟ । ନା ଅଛି ଗୁରୁ ଗୁରୁଜନ ମାନ୍ୟତା ନା ଅଛି ପାପ ପୁଣ୍ୟର ଭୟ ।

ସେଇ ଚରିତ୍ର ସୁଧାରିବାର ଘର, ଭାଗବତ ଟୁଙ୍ଗିର ଏବେ ମାଟିକାନ୍ଥ ସବୁ ଯେମିତି ଭୁଶୁଡ଼ି ଯାଉଛି, ନଡ଼ା ଛପର ଉଡ଼ିଯାଉଛି, ଆମ ପୋଥି ପୁରାଣକୁ ଉଇଚରିଲା ଭଳିଆ ଆମ ମଣିଷପଣିଆକୁ ଆଧୁନିକତାର ଅନ୍ଧାଧୁନିଆ ଗତି ତଥା ଆତ୍ମସ୍ୱାର୍ଥସର୍ବସ୍ୱ ମନ, ଘୁଣ ଖିଆ ପୋକ କାଠକୁ କୋରି ଖାଇଗଲା ପରି ଆମ ବୁଦ୍ଧି ବିବେକକୁ ଖାଇଗଲାଣି । ପାଞ୍ଚଟଙ୍କାର ଦୀପଟିଏ ଜାଳି ଭାଗବତ ଟୁଙ୍ଗିର ଅନ୍ଧାର ଦୂର କରିବାଠୁ କ୍ଲବ ସଂସ୍କୃତିର ଚକମକିଆ ଆଲୁଅ ଜଳେଇବା ମନଭାବ ବଢ଼ିଯାଇଛି । ହରିନାମ ସୁଧା ରସଠୁ ମଦରସର ସୁଆଦ ବେଶ୍ ମନ ମୋହୁଛି । ଠିକ୍ ଅଛି, ଯୁଗ ଆଗଉ । କ୍ଲବ ସଂସ୍କୃତି ବି ଆଗକୁ ବଢୁ ହେଲେ ସାଆନ୍ତଙ୍କ ଲରି ବସ୍ ଚଳେଇବାକୁ ଯାଇ ମାଗୁଣି ଓ ତା' ଶଗଡ଼ ଭଳି ଆମ ଭାଗବତ ଟୁଙ୍ଗି ନ ମରୁ।

ଯଦି ସେଦିନ ମାଗୁଣିର ଶଗଡ଼ରେ ମୋଟର ଫିଟିଂ କରି ଦ୍ରୁତଗାମୀ ଯାନରେ ତାକୁ ରୂପାନ୍ତରିତ କରାଯାଇ ପାରିଥାନ୍ତା, ତେବେ ମାଗୁଣି କି ତା' ଶଗଡ଼ ମରି ନ ଥାନ୍ତା । ଠିକ୍ ଯେମିତି ଆମ ଭାଗବତ ଟୁଙ୍ଗିକି ପୁନରୁଦ୍ଧାର କରିବାକୁ ଏବଂ ଆମ ସଂସ୍କୃତିକୁ ବଞ୍ଚାଇବାକୁ ଏଇ ବିଦେଶିଆ ନୂଆବର୍ଷରେ କ'ଣ ସଂକଳ୍ପ କଲେ ଦୁନିଆ ବିଗିଡ଼ି ଯା'ନ୍ତା କି ? ?

–ମଙ୍ଗରାଜପୁର, ବୀରହରେକୃଷ୍ଣପୁର, ପୁରୀ
ମୋ : ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଭାସ୍କର ଜେନାଙ୍କ ଶ୍ରେଷ୍ଠ ଗଳ୍ପ

ପ୍ରକାଶକ– ଶାରଳା ବୁକ୍ ଷ୍ଟୋର
ଅଲିଶା ବଜାର, କଟକ
ମୂଲ୍ୟ–୨୨୦ଟଙ୍କା



ଗାଳ୍ପିକ ଭାସ୍କର ଜେନାଙ୍କର ୨୪ଟି ଗପକୁ ନେଇ ଶ୍ରେଷ୍ଠ ଗଳ୍ପ ସଂକଳନ ପ୍ରକାଶିତ ହୋଇଛି। ଏଥିରେ ପ୍ରଥମ ଗପ ହେଉଛି ପଥଭୁଲା ପକ୍ଷୀର ଗୀତ। ଏହା ଏକ ଚମତ୍କାର ପାରିବାରିକ କାହାଣୀର ବର୍ଣ୍ଣନା। ଏଥିରେ ସିଦ୍ଧାର୍ଥ ଆଉ ଅନୁରାଧା ଚରିତ୍ରକୁ ଲେଖକ ନିଚ୍ଛକ ଭାବେ ଫୁଟାଇଛନ୍ତି। ଇଣ୍ଟରକାଷ୍ଟ ବିବାହ ପରେ କିଭଳି ବାପା, ମା' ଗ୍ରହଣ କରୁନାହାନ୍ତି। ସିଦ୍ଧାର୍ଥ ସ୍ତ୍ରୀ ଅନୁରାଧାଙ୍କୁ କହୁଛନ୍ତି, ଚାଲ ଆମେ ଭୁଲ୍ ମାଗି ବାପା, ମା'ଙ୍କ ପାଖକୁ ଯିବା ଆଉ ବାପ ପୁଅଙ୍କ ମଧ୍ୟରେ ଉଠିଥିବା ପାଚେରିଟା ଆପେ ଭାଙ୍ଗିଯିବ। କିନ୍ତୁ ଅନୁରାଧା ଗାଁକୁ ଯିବିନି କି ଗୋଡ଼ ଧରିବିନି ବୋଲି ରୋକ୍‌ଠୋକ୍ କହୁଛନ୍ତି। ଏଭଳି ଚମତ୍କାରିତା ଭାସ୍କରଙ୍କ ଗପରେ ଫୁଟିଉଠେ। ସେହିପରି ମହାଭାରତରେ ''ଶ୍ରୀକୃଷ୍ଣ କହିଥିଲେ, କ'ଣ କହୁଛ ଅର୍ଜୁନ ? ନା ଗତକାଲି ତୁମେ ଥିଲ, ନା ଆସନ୍ତାକାଲି ତୁମେ ରହିବ । ଉଠ ଉଠ ଅଭିନୟ କର ବର୍ତ୍ତମାନ ପାଇଁ। ଏ ଯେ ଅଭିନୟର ପୃଥିବୀ । ସେଇ ପୃଥିବୀରେ ସାରା ଜୀବନକୁ କାଟିବାକୁ ହେବ । ଯଦି ଈଶ୍ୱର ଏହା କହୁଛନ୍ତି, ତେବେ ମଣିଷର ବଡ଼ିମା ଓ ଅହଂକାର କାହିଁକି । ଏହିଭଳି ଚରିତ୍ରଗୁଡ଼ିକ ଭାସ୍କରଙ୍କ ଗପରୁ ଅନୁମେୟ । ଆଶା ଗପଗୁଡ଼ିକ ମନକୁ ଛୁଇଁବ ଆଉ ହୃଦୟକୁ ସ୍ପର୍ଶ କରିବ ।

### ପାଣି ତଳର ଜହ୍ନ

ଲେଖକ– ଡ.ନାରାୟଣ ବାରିକ୍
ପ୍ରକାଶକ–ଆଇ–କେଆର୍, ଭୁବନେଶ୍ୱର
ମୂଲ୍ୟ–୧୪୦ଟଙ୍କା



'ପାଣି ତଳର ଜହ୍ନ' କବିତା ପୁସ୍ତକର ଲେଖକ ଡ. ନାରାୟଣ ବାରିକ୍ । ଏଥିରେ ୪୭ଟି କବିତା ସ୍ଥାନ ପାଇଛି। କବିଙ୍କ ଜୀବନ–ଦୃଷ୍ଟି ପ୍ରତ୍ୟକ୍ଷ ବା ପରୋକ୍ଷରେ ପ୍ରତିବିମ୍ବିତ ହୋଇଥାଏ। ନାରାୟଣଙ୍କ ବର୍ଷା, ତୁମରଙ୍ଗ, ଦୂରତା ସମ୍ପର୍କରେ, ରଙ୍ଗୁଲଗ୍ନା ଆଦି କବିତା ଖୁବ୍ ଚମତ୍କାର ଓ ମହିମାମୟ ହୋଇଉଠିଛି। କବି ପ୍ରକୃତିର ଚାହାଣି ଓ ଛଟକରେ ବେଶ୍ ବିଭୋର । ତାଙ୍କ କବିତାରେ ପ୍ରକୃତି ଓ ପ୍ରଣୟାତୁର ଜୀବନ ସତେଯେମିତି ଗୋଟିଏ ସୂତ୍ରରେ ବନ୍ଧା। ବର୍ଷା ହିଁ କବିଙ୍କୁ ପ୍ରଣୟାତୁର କରେ। ଅନୁରାଗର କଦମ୍ବଫୁଲ ତନୁ ମନ ଭିଜାଇଦିଏ। ପ୍ରକୃତି ଓ କଳା ଅଭିନ୍ନ। ସବୁ କାଳରେ କବିତା ସମୟ ଓ ଯୁଗର ଆହ୍ୱାନ ଅନୁସାରେ ଖୁବ୍ ପ୍ରୟୋଗବାଦୀ ଓ ପରୀକ୍ଷାଧର୍ମୀ ହୁଏ। ଏହାର ଆଙ୍ଗିକ ଓ ଆତ୍ମିକ ସବୁ କାଳରେ ଆତ୍ମନିର୍ଭରଶୀଳ। କବିଙ୍କ କଳ୍ପନାର ଦୁଃଖୀ ମଣିଷଟିଏ ସବୁଠି ଜଳଜଳ ଦିଶେ। କବି ବାରିକ୍ ଜଣେ ପ୍ରତୀକଧର୍ମୀ ମଧ୍ୟ। ତାଙ୍କ କବିତାରେ ସୌନ୍ଦର୍ଯ୍ୟ– ଜହ୍ନ, ପ୍ରେମ, ଶଙ୍ଖ ଶୁଭ୍ରତା, ନିର୍ମଳତା ଭରିରହିଛି। କବିଙ୍କ କାବ୍ୟ ସାଧନା ସବୁବେଳେ ପୁଷ୍ପିତ ହେଉ, କବି ବାରିକ୍ ନୈସର୍ଗିକ ଭାବ ଜଗତକୁ ସର୍ବଦା ଏଭଳି ଶାଶ୍ୱତ ଦୀପ୍ତି ପ୍ରଦାନ କରନ୍ତୁ।

### ଦୂର ଆକାଶର ତାରା

ଲେଖିକା–ଡ.ବାସନ୍ତୀ ମହାନ୍ତି
ପ୍ରକାଶକ–ଅଗ୍ରଦୂତ ପ୍ରକାଶନୀ, କଟକ
ମୂଲ୍ୟ–୧୭୦ଟଙ୍କା



'ଦୂର ଆକାଶର ତାରା' ଡ.ବାସନ୍ତୀ ମହାନ୍ତିଙ୍କ ଉପନ୍ୟାସ। ଏଥିରେ ବେଲମତୀଙ୍କୁ ମୁଖ୍ୟ ଚରିତ୍ର ଭାବେ ଚିତ୍ରଣ କରାଯାଇଛି। ଗୀତକୁଡ଼ିଆ ଓଡ଼ିଶାର ଦକ୍ଷିଣ–ପଶ୍ଚିମାଞ୍ଚଳର ଏକ ଅନନ୍ୟ ପରମ୍ପରା। ନଦୀ–ପାହାଡ଼, ଝରଣା–ବୃକ୍ଷଲତା ସୁଶୋଭିତ ପ୍ରକୃତି ଓ ପରିବେଶର ବର୍ଣ୍ଣନାକୁ ଏହି ସାରସ୍ୱତ ସଂରଚନା ସୁନ୍ଦର ଲୋକଭାଷାରେ ପରିଣତ କରେ। ସାଂସ୍କୃତିକ, ଐତିହ୍ୟ ଓ ପରମ୍ପରାକୁ ପ୍ରତିନିଧିତ୍ୱ କରୁଥିବା ବେଲମତୀଙ୍କ ଜୀବନ କାହାଣୀ କୌଣସି ବିୟୋଗାତ୍ମକ ଉପନ୍ୟାସଠାରୁ କମ୍ କରୁଣାକ୍ତ ନୁହେଁ। ଅକାଳରେ ସ୍ୱାମୀ ଓ ପୁଅଙ୍କୁ ଦୂରେଇ ସେ ସଙ୍ଗୀତ ଭିତରେ ନିଜ ଜୀବନର ଦୁଃଖ ଯନ୍ତ୍ରଣାକୁ ଭୁଲିବାକୁ ଚେଷ୍ଟା କରୁକରୁ ଦେଶୀୟ ସଂସ୍କୃତିର କିମ୍ବଦନ୍ତୀ ହୋଇ ରହିଗଲେ। ତାଙ୍କର ପାଠ କମ୍ ଥିଲା, କିନ୍ତୁ ତୁଣ୍ଡ ଖୋଲିଲେ ମା' ସରସ୍ୱତୀ ବିଜେ ହୋଇ ଯାଉଥିଲେ କଣ୍ଠରେ। ସେ ଗାଇ ଚାଲୁଥିଲେ ଅନର୍ଗଳ ଅସରନ୍ତି ସଙ୍ଗୀତ। ପୁଷ୍ପ ପୁନେଇଁ, ବାଲିଯାତ୍ରା, ମଣ୍ଡେଇ, ଚଇତି ପୁନେଇଁ ମହୋତ୍ସବ ହେଉ କିମ୍ବା ଧାନ ରୋପିବା ଆଦିରେ ସବୁଠି ଖୋଜାପଡ଼େ ବେଲମତୀଙ୍କୁ। ଲେଖିକାଙ୍କ ଲେଖା ଖୁବ୍ ଉଚ୍ଚକୋଟୀର, ଯାହା ପାଠକଙ୍କୁ ବାନ୍ଧିରଖେ। ପୁସ୍ତକଟି ନିଶ୍ଚିତ ଭାବେ ପାଠକୀୟ ଆଦୃତି ଲାଭ କରିବ।

ବ୍ୟାକ୍ ପେଜ୍







# ସିଂହୀର ବନ୍ଧୁତା

ଅନେକ ସମୟରେ ମଣିଷ ପ୍ରାଣୀଙ୍କ ବନ୍ଧୁତା ସମସ୍ତଙ୍କୁ ଚକିତ କରିଦେଇଥାଏ। ପ୍ରାଣୀମାନେ ନିଜର ମଣିଷ ବନ୍ଧୁଙ୍କୁ ଏତେ ନିଃସ୍ୱାର୍ଥପର ଭାବେ ଭଲ ପାଇଥାନ୍ତି ଯେ, ବେଳେବେଳେ ମଣିଷ ଭାବିବାକୁ ବାଧ୍ୟ ହୁଏ ଯେ, ସତରେ ଏଇ ସମ୍ପର୍କ ସବୁଠୁ ଊର୍ଦ୍ଧ୍ୱରେ। ସେମିତି ଏକ ବନ୍ଧୁତା ଏବେ ଚର୍ଚ୍ଚାରେ ଅଛି। କାରଣ ଏଇ ଦୁଇ ବନ୍ଧୁ ଭିତରେ ଜଣେ ମଣିଷ ହେବାବେଳେ ଅନ୍ୟଜଣକ ହେଉଛି ଏକ ବିରାଟକାୟ ସିଂହୀ। ସିଂହୀ ସହ ବନ୍ଧୁତା କରିଥିବା ଏହି ସାହସୀ ବ୍ୟକ୍ତିଜଣକ ହେଉଛନ୍ତି ୱାଇଲ୍ଡ ଲାଇଫ ଏନ୍ଥୁଜିଆଷ୍ଟ ଭାଲେଣ୍ଟିନ୍ ଗ୍ରୁଏନର୍। ବିରାଟକାୟ ସିଂହୀ ସିର୍ଗାର ଭାଲେଣ୍ଟିନ୍‌ଙ୍କୁ ଆଲିଙ୍ଗନ କରିବା, ଏକା ସାଙ୍ଗରେ ଶୋଇବା, ବସିବା ଦେଖିଲେ ଯେ କେହି ଚକିତ ହୋଇଯିବେ। ତେବେ ଏଇ ବନ୍ଧୁତା ପଛରେ ରହିଛି ଏକ ସୁନ୍ଦର କାହାଣୀ। ୨୦୧୨, ଫେବୃୟାରୀ ୨୫ରେ ଜନ୍ମିତ ସିର୍ଗାକୁ ଛୋଟବେଳେ ତା'ର ମା' ଖାଇବାକୁ ଦେଉ ନ ଥିଲା। ବହୁତ ଦାରୁଣ ଅବସ୍ଥାରେ ଥାଏ ସିର୍ଗା। ଏହି ସମୟରେ ଭାଲେଣ୍ଟିନ୍ ତାକୁ ନିଜ ସହ ନେଇ ଆସିଥିଲେ। ଆଉ ନିଜ ସନ୍ତାନ ପରି ଯତ୍ନ ନେବା ସହ ତା'ର ଖାଇବା ପିଇବା କଥା ବୁଝିବା ଆରମ୍ଭ କରିଥିଲେ। ବଡ଼ ହେବା ସହ ସିର୍ଗା ଓ ଭାଲେଣ୍ଟିନଙ୍କ ଭଲ ପାଇବା ବଢ଼ିବାକୁ ଲାଗିଲା। ଭାଲେଣ୍ଟିନ ସିର୍ଗାକୁ ଛୋଟବେଳୁ ଦେଖା ହେଉ ହେଉ ଆଲିଙ୍ଗନ କରିବା ଶିଖାଇଥିଲେ। ଏହା ମଧ୍ୟରେ ଦୀର୍ଘ ୧୦ ବର୍ଷ ବିତିଗଲାଣି। ସିର୍ଗା ଏବେ ଏକ ବିରାଟକାୟ ସିଂହୀ ପାଲଟିଗଲାଣି। ହେଲେ ଏବେ ବି ତା'ର ସେହି ଆଲିଙ୍ଗନ କରିବା ଅଭ୍ୟାସ ରହିଛି। ଯେବେ ବି ଭାଲେଣ୍ଟିନ୍ ଆସନ୍ତି, ତାଙ୍କୁ ଦେଖୁ ଦେଖୁ ସିର୍ଗା ଯେଉଁଠି ଥାଏ ଦୌଡି ଆସି ଆଗ ଦୁଇ ଗୋଡ଼ ଉପରକୁ ଟେକି ଭାଲେଣ୍ଟିନଙ୍କ କାନ୍ଧ ଉପରେ ରଖିବା ସହ ମୁଣ୍ଡକୁ କାନ୍ଧ ଉପରେ ରଖି ଆଲିଙ୍ଗନ କରେ। ଏହି ଦୃଶ୍ୟକୁ ଦେଖି ସମସ୍ତେ ଚକିତ ହୋଇଯାଆନ୍ତି। ଭାଲେଣ୍ଟିନ ଓ ସିର୍ଗାଙ୍କ ଏହି ନିଆରା ବନ୍ଧୁତ୍ୱର ଦୃଶ୍ୟ ବୋତ୍‌ସୱାନାର କାଲାହାରୀ ମରୁଭୂମିରେ ଥିବା ଏକ ୱାଇଲ୍ଡ ଲାଇଫ୍ ରିଜର୍ଭରେ ଦେଖିବାକୁ ମିଳେ।

# ମାଗଣା ଅସ୍ତ୍ରୋପଚାର କରି ପିଲାଙ୍କୁ ଦେଉଛନ୍ତି ନୂଆ ଜୀବନ

ଗ୍ରହଣ ଖଣ୍ଡିଆ ବା କ୍ଲେଫ୍ଟ ଲିପ୍ସ ସମସ୍ୟା ଅନେକଙ୍କଠାରେ ଦେଖାଯାଏ। ଏହା ଏକ ଜନ୍ମଗତ ସମସ୍ୟା। ଓଠ ଓ ପାଟି ଭଲରେ ବିକାଶ ନ ହୋଇ ପିଲା ଜନ୍ମ ହୋଇଗଲେ ଏହି ସମସ୍ୟା ଦେଖାଦିଏ। ଏମିତି ଜନ୍ମ ହୋଇଥିବା ଶିଶୁଙ୍କର ମା' କ୍ଷୀର ପିଇବାରେ ସମସ୍ୟା ହେବା ସହ ବଡ଼ ହେବା ପରେ ସାମାଜିକ ପାତର ଅନ୍ତରର ଶିକାର ହେବାକୁ ପଡେ। ଅନେକ ତାଚ୍ଛଲ୍ୟ ବି ସହିବାକୁ ପଡେ। ଯଦିଓ ଏହି ଜନ୍ମଗତ ତ୍ରୁଟିକୁ ଅସ୍ତ୍ରୋପଚାର ମାଧ୍ୟମରେ ସୁଧାରି ହୁଏ, କିନ୍ତୁ ଗରିବ ପରିବାରର ଲୋକେ ଟଙ୍କା ଖର୍ଚ୍ଚ କରି ଅସ୍ତ୍ରୋପଚାର କରିପାରି ନ ଥାନ୍ତି। ତେବେ ଏଭଳି ସମସ୍ୟା ଥିବା ପିଲାଙ୍କ ପାଇଁ ଏବେ ବାରାଣସୀରେ ଜନ୍ମିତ ଡାକ୍ତର ସୁବୋଧ କୁମାର ସିଂହ ଭଗବାନଙ୍କ ଅବତାର ପାଲଟିଛନ୍ତି। ସେ ଏହି ସମସ୍ୟାକୁ ଦୂର



କରିବା ପାଇଁ ଯେମିତି ପଣ କରିଛନ୍ତି। ଆଉ ମାଗଣାରେ ଗ୍ରହଣ ଖଣ୍ଡିଆ ଶିଶୁଙ୍କର ଅସ୍ତ୍ରୋପଚାର କରୁଛନ୍ତି। କାରଣ ଦିନେ ସେ ବି ଏହି ସମସ୍ୟା ଦେଇ ଗତି କରିଥିଲେ। ତା'ସହ ସେ ପିଲାଦିନେ ଅନେକ ଅଭାବ ଅସୁବିଧା ମଧ୍ୟରେ ବି ବଢ଼ିଥିଲେ। ତେଣୁ ଡା. ସୁବୋଧ ପ୍ଲାଷ୍ଟିକ ସର୍ଜନ ହେବା ପରେ ଗ୍ରହଣ ଖଣ୍ଡିଆ ପିଲାଙ୍କୁ ମାଗଣା ଅସ୍ତ୍ରୋପଚାର କରିବାକୁ ନିଷ୍ପତ୍ତି ନେଲେ। ୨୦୦୪ରୁ ସେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ଯା ମଧ୍ୟରେ ସେ ୩୭୦୦୦ ମାଗଣା ଗ୍ରହଣ ଖଣ୍ଡିଆ ଅସ୍ତ୍ରୋପଚାର କରି ସାରିଲେଣି। ସେ କେବଳ ପିଲାଙ୍କର ନୁହେଁ, ବଡ଼ ଲୋକଙ୍କର ବି ମାଗଣା ଅସ୍ତ୍ରୋପଚାର କରନ୍ତି।

# ସାଇକେଲ ଚଳାନ୍ତୁ ଜୁସ୍ ପିଅନ୍ତୁ

ଫିଟ୍ ରହିବା ପାଇଁ ଆଜିକାଲି କିଏ ଜଗିଂ ତ କିଏ ସାଇକେଲିଂ କରୁଛନ୍ତି। ପୁଣି କିଏ ଜିମ୍ ଯାଇ ବିଭିନ୍ନ ପ୍ରକାରର ବ୍ୟାୟାମ କରୁଛନ୍ତି। ତା'ସହ ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତି ଓ ବାହାରର ଖାଦ୍ୟଠୁ ଦୂରେଇ ରୁହନ୍ତି। ତେବେ ନିକଟରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ଦେଖିବାକୁ ମିଳେ ଜଣେ ବ୍ୟକ୍ତି ସାଇକେଲ ଚଳାଇ ଜୁସ୍ ପ୍ରସ୍ତୁତ କରୁଛନ୍ତି। ଲୋକେ ଏହି ସ୍ୱତନ୍ତ୍ରଧରଣର ସାଇକେଲ ତିଆରି କରିଥିବା ବ୍ୟକ୍ତିଙ୍କର ଭୁରି ଭୁରି ପ୍ରଶଂସା କରୁଛନ୍ତି। କାରଣ ଉକ୍ତ ସାଇକେଲ ଦ୍ୱାରା ବ୍ୟାୟାମ ହେବାସହ ତାଜା ଜୁସ୍ ବି ମିଳିପାରୁଛି। ଏହି ସାଇକେଲ ସାମ୍ନାଭାଗରେ ଏକ ବ୍ଲେଣ୍ଡର ସଂଯୁକ୍ତ ହୋଇଥାଏ। ପ୍ୟାଡେଲ ମାରି ସାଇକେଲ ଚଳାଉ ଚଳାଉ ବ୍ଲେଣ୍ଡର କାମ କରିବା ଆରମ୍ଭ କରିଦିଏ। ଯେତେ ବେଗରେ ପ୍ୟାଡେଲ ମରାଯାଏ ବ୍ଲେଣ୍ଡର ସେତେ ଜୋର୍‌ରେ ବୁଲିଥାଏ। ଆଉ ଜୁସ୍ ସେତେ ଶୀଘ୍ର ପ୍ରସ୍ତୁତ ହୋଇଯାଏ। ହେଲ୍‌ଥ ଓ ଫିଟ୍‌ନେସ୍ ସହ ଜଡିତ ଲୋକଙ୍କୁ ଏହି କନ୍‌ସେପ୍ଟ ବହୁତ ପସନ୍ଦ ଆସୁଛି।

